ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.199 Bhubaneswar Friday September 15 2023 | ୨୬ତମ ବର୍ଷ ସଂଖ୍ୟା–୧୯୯ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ପ୍ରେମ ବିବାହକୁ ୩ ମାସ ପୂରିନି, ପତ୍ନୀଙ୍କୁ ଖଣ୍ଡ ଖଣ୍ଡ କରି ନଦୀକୁ ଫିଙ୍ଗିଦେଲେ



ଭୁବନେଶ୍ୱର,୧୪।୯(ପି.ଏନ): ଦୁଇ ବର୍ଷର ପ୍ରେମ ସମ୍ପର୍କ ନେଇଥିଲା ବିବାହର ରୂପ। ପ୍ରେମିକାଙ୍କ କପାଳରେ ସିନ୍ଦୂର ଦେଇଥିଲେ ପ୍ରେମିକ। ଗାଁ ମନ୍ଦିରରୁ ଉଠିଥିଲା ସବାରୀ। ବେଶ୍ ହସଖୁସିରେ ଚାଲିଥିଲା ସଂସାର ରଥ। ହେଲେ ହଠାତ୍ କ'ଣ ହେଲା ଯେ ପ୍ରେମିକାରୁ ପତ୍ନୀ ବନିଥିବା ବୁଲିଙ୍କୁ ଖଣ୍ଡଖଣ୍ଡ କରି କାଟି ନଦୀକୁ ଫିଙ୍ଗିଦେଲେ ସ୍ୱାମୀ? ଏପରି ବୀଭତ୍ସ ଓ ଲୋମହର୍ଷଣ ଘଟଣା ଗଞ୍ଜାମ ଜିଲ୍ଲା ସୋରଡା ଥାନା ଅଞ୍ଚଳରେ ଘଟିଛି।କବିସୂର୍ଯ୍ୟନଗର ବ୍ଲକ ଜାଗିଲିପଦର ଗାଁର ବୁଲି ମୁଳିଙ୍କୁ ପ୍ରେମ କରୁଥିଲେ ଭଗବାନପୁର ଗାଁରେ ନାରାୟଣ ମୁଳି। ପରବର୍ତ୍ତୀ ସମୟରେ ପ୍ରେମ ସମ୍ପର୍କ ବିବାହର ରୂପ ନେଇଥିଲା। ଦୁଇ ପରିବାରର ସହମତିରେ ଗାଁ ମନ୍ଦିରରେ ଉଭୟଙ୍କ ବିବାହ ହୋଇଥିଲା। ଆଜକୁ ତିନି ମାସ ତଳେ ବୁଲିଙ୍କ ସିନ୍ଥିରେ ସିନ୍ଦୂର ଦେଇଥିଲେ ନାରାୟଣ। ଆଉ ଭବିଷ୍ୟତ ପାଇଁ ଦେଖିଥିଲେ ଅନେକ ସ୍ୱପ୍ନ। କିଛି ଦିନ ତଳେ ବୁଲି ତାଙ୍କ ବାପ ଘରକୁ ଆସିଥିଲେ। ୨ରୁ ୩ ଦିନ ତଳେ ନାରାୟଣ ଶ୍ୱଶୁର ଘରକୁ ଯାଇଥିଲେ। ଫେରିଲା ବେଳେ ବୁଲିଙ୍କୁ ସାଥୀରେ ନେଇ ଆସିଥିଲେ। ଶାଶୁ ଘରେ ପହଞ୍ଚିବା ଘର କାମରେ ବ୍ୟସ୍ତ ହୋଇପଡିଥିଲେ ବୁଲି। ବୁଧବାର ଘରେ କେହି ନଥିଲେ। ବୁଲି ଓ ନାରାୟଣ ଦୁହେଁ ଏକାକୀ ଘରେ ରହିଥିଲେ। ରାତି ପ୍ରାୟ ୧୨ଟା ହେବ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ପାଟିତୁଣ୍ଡ ଉଗ୍ରରୂପ ଧାରଣ କରିଥିଲା। କ୍ଷଣିକ ଉତ୍ତେଜନାରେ ବଶବର୍ତ୍ତୀ ହୋଇ ବୁଲିଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ ନାରାୟଣ।

## ଆସନ୍ତାକାଲି ବସିବ କ୍ୟାବିନେଟ ଓ ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୧୪।୯(ପି.ଏନ): ଆସନ୍ତାକାଲି (ଶୁକ୍ରବାର)ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ। ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି।

## ଭିଜିଲାନ୍ସ ପଞ୍ଝାରେ ଓଏଏସ ଅଧିକାରୀ

ଖୋର୍ଦ୍ଧା, ୧୪।୯(ପି.ଏନ): ଭିଜିଲାନ୍ସ ପଞ୍ଝାରେ ଓଏଏସ ଅଧିକାରୀ। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ବୁଗୁଡ଼ାର ପୂର୍ବତନ ତହସିଲଦାର ତଥା ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ କାର୍ଯ୍ୟରତ ଓଏଏସ ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ବାସଭବନରେ ଚାଲିଛି ଭିଜିଲାନ୍ସ ଚଢ଼ଉ। ଭିଜିଲାନ୍ସ ବିଭାଗର ୩ଟି ଟିମ ବାଲୁଗାଁସ୍ଥିତ ଜେନା କଲୋନୀ, ପୈତୃକ ଘର ହରିପୁର ଓ ଛୋଟରାୟପୁରରେ ଚଢ଼ଉ ଜାରି ରଖିଛି।ପ୍ରକାଶ ଥାଉକି, ଶ୍ରୀ ଜେନା ପୂର୍ବରୁ ଶିକ୍ଷକତା କରୁଥିଲେ।ତେବେ ୨୦୧୬ ରେ ଓଆରଏସ ଭାବେ ପଦୋନ୍ନତି ପାଇଥିଲେ । ପରେ ବିଗତ ଦୁଇ ବର୍ଷ ହେବ ଓଏଏସ ଭାବେ ପଦୋନ୍ନତି ପାଇଥିଲେ।

## ନାବାଳିକା ଦୁଷ୍କର୍ମ ମାମଲା : ଆସାମୀକୁ ୨୦ ବର୍ଷ ଜେଲ୍

ଗଞ୍ଜାମ, ୧୪।୯(ପି.ଏନ): ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ପ୍ରଭାତ କୁମାର ରାଜଗୁରୁ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ଆଜି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି । ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ ବଡଗଡ଼ ଥାନା ଅଂଚଳର ସୋମନାଥ ରଥକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ।

## ବିଜେପି ଛାଡି ବିଜେଡିରେ ମିଶିଲେ ଏହି ନେତା: ଦଳକୁ ନେଇ କହିଲେ ଏପରି



ଭୁବନେଶ୍ୱର,୧୪।୯(ପି.ଏନ): ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ ତଥା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ରଞ୍ଜନ ପଲେଇ ବୁଧବାର ବିଜେପି ଦଳ ଛାଡି ବିଜେଡିରେ ମିଶିଛନ୍ତି । ବୁଧବାର ଦିନ ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସେ ନିଜ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସାଂସଦ ମାନସ ମଙ୍ଗରାଜ ସେମାନଙ୍କୁ ସ୍ୱାଗତ କରିଛନ୍ତି ।ପ୍ରଣବ କହିଛନ୍ତି ଯେ, ରଞ୍ଜନ ଆଜି ଘରକୁ ଫେରିଛନ୍ତି । ସେମାନେ ବୁଝିଲେ ଯେ ନବୀନ ପଟ୍ଟନାୟକ ହି ରାଜ୍ୟ ଓ ଗଞ୍ଜାମର ବିକାଶ କରି ପାରିବେ । ବିଜେଡିରେ ମିଶିବା ପରେ ରଞ୍ଜନ ପଲେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଶାଳ ହୃଦୟ ରଖି ସେ ମତେ ଗ୍ରହଣ କରିଛନ୍ତି । ବିଜେଡି ନୀତି ଆଦର୍ଶ ଓ ଓଡିଶା ଉନ୍ନତିରେ ମୋର ସହଯୋଗ ରହିବ । ଆଶୀର୍ବାଦ ଓ ସହଯୋଗ ପାଇଁ ଧନ୍ୟବାଦ ।ଏହା ବ୍ୟତୀତ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ ବାଞ୍ଛାନିଧି ରାଉତ, ମଣ୍ଡଳ ସଭାପତି ସର୍ବଶ୍ରୀ ଅଶୋକ ସାହୁ, ଅଶୋକ ପ୍ରଧାନ, ମୀନକେତନ ପାଣିଗ୍ରାହୀ, ସୁଦର୍ଶନ ସାହୁ, ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ସାହୁ, ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରହ୍ଲାଦ ସାହୁ, ସନ୍ତୋଷ ମିଶ୍ର, ବିଭୁନନ୍ଦନ ମହାପାତ୍ର, ବଳରାମ ପ୍ରଧାନ, ପ୍ରହ୍ଲାଦ ଜେନା, ବନମାଳୀ ସ୍ୱାଇଁ, ନରୋତ୍ତମ ସାହୁ, ଅକ୍ଷୟ କୁମାର କର, ବିଜେପି ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ମିଟୁ ସ୍ୱାଇଁ, ବିମଳ କୁମାର ସ୍ୱାଇଁ, ବନବୀର ସ୍ୱାଇଁ, ବିଜେପି ମହିଳା ମୋର୍ଚ୍ଚା ମଣ୍ଡଳ ସଭାପତି ଇ.ଲଳିତା ପାତ୍ର ମଧ୍ୟ ବିଜେପି ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀ ପଲେଇଙ୍କୁ ବିଜେପିରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଥିଲା ।

## ମର୍ମନ୍ତୁଦ ଦୁର୍ଘଟଣା: ଓଲଟିଲା ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଡଙ୍ଗା



ବିହାର,୧୪।୯(ପି.ଏନ): ବିହାରର ମୁଜାଫରପୁର ଜିଲ୍ଲାରେ ଘଟିଛି ଏକ ଦୁଃଖଦ ଘଟଣା । ଏଠାରେ ବାଗମତି ନଦୀରେ ଏକ ଡଙ୍ଗା ଓଲଟି ଯାଇଛି । ଏହି ଡଙ୍ଗାଟି ଛୋଟ ପିଲାଙ୍କୁ ନେଇ ସ୍କୁଲରେ ଛାଡିବାକୁ ଯାଉଥିଲା । ସୂଚନା ଅନୁସାରେ ଡଙ୍ଗାରେ ୩୪ ପିଲାଥିଲେ । ଏପର୍ଯ୍ୟନ୍ତ କିଛି ପିଲାଙ୍କୁ ଉଦ୍ଧାର କରାଯାଇଛି ଏହା ସହ ଅନେକ ପିଲା ନିଖୋଜ ରହିଛନ୍ତି । ଏହି ଘଟଣାର ସୂଚନା ପାଇବା ପରେ ଘଟଣାସ୍ଥଳରେ ପୋଲିସ ଏବଂ ଉଦ୍ଧାରକାରୀ ଦଳ ପହଞ୍ଚି ପିଲାମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।ତେବେ ଅନେକ ପିଲା ଏବେ ନିଖୋଜ ଥିବା ଜଣାପଡିଛି । ପ୍ରଥମେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା ଓ ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କରିଥିଲେ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଦେଖା ଦେଇଛି । ଘଟଣାସ୍ଥଳରେ ପୋଲିସର ଅନେକ ବଡ ଅଧିକାରୀ ଉପସ୍ଥିତ ଅଛନ୍ତି । ଗୋଟିଏ ପଟେ ଏଠାରେ ଡଙ୍ଗା ଓଲଟି ଥିବା ବେଳେ ଅନ୍ୟପଟେ ଆଜି ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ୟାନ୍ସର ହସ୍ପିଟାଲ ଉଦଘାଟନ କରିବା ପାଇଁ ମୁଜାଫରପୁର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

## ହୀରାକୁଦ ଡ୍ୟାମରେ ଖୋଲିଲା ଆଉ ୮ଟି ଗେଟ : ଜଳସ୍ତର ୬୨୮.୭୧ ଫୁଟ



ସମ୍ବଲପୁର,୧୪।୯(ପି.ଏନ) : ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି । ଏନେଇ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ଲଗାତାର ଭାବେ ବର୍ଷା ଜାରି ରହିଛି । ହୀରାକୁଦର ଉପରମୁଣ୍ଡାରେ ଲଘୁଚାପ ଜନିତ ବର୍ଷା ହେବାରୁ ମୁଖ୍ୟମନ୍ତ୍ରୀ ଗତକାଲି ଅପରାହ୍ନ ୪ଟା ବେଳେ ଡ୍ୟାମର ଗେଟ ଖୋଲିବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ ରାଜ୍ୟରେ ବର୍ଷା ଲାଗି ରହିଥିବାରୁ ଆଜି ପୁଣି ୮ଟି ଗେଟ ଖୋଲା ଯାଇଛି ।ସୂଚନା ଅନୁସାରେ, ହୀରାକୁଦ ଡ୍ୟାମର ଗତକାଲି ୨ଟି ଗେଟ ଖୋଲା ଯାଇଥିବା ବେଳେ ଆଜି ପୁଣି ୮ଟି ଗେଟ ଖୋଲା ଯାଇଛି । ବର୍ତ୍ତମାନ ମୋଟ ୧୦ଟି ଗେଟ ଦେଇ ହୀରାକୁଦ ଡ୍ୟାମର ଜଳ ନିଷ୍କାସନ ହେବ । ସକାଳ ୬ଟା ସୁଦ୍ଧା ଡ୍ୟାମର ଜଳସ୍ତର ୬୨୮.୭୧ ଫୁଟ ରହିଥିବାର ସୂଚନା ମିଳିଛି । ଏହା ବ୍ୟତୀତ ଏହି ଡ୍ୟାମକୁ ୧ ଲକ୍ଷ ୪୨ ହଜାର ୭୨ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୭୨ ହଜାର ୧୯୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି ।

## ଓଏଏସ୍ ଅଫିସରଙ୍କ ଅମାପ ସମ୍ପତ୍ତି: ୧.୩୬ କୋଟି ଟଙ୍କାର ଘର, ୬ଟି ପ୍ଲଟ, ୩ଟି ଚାରି ଚକିଆ ଗାଡି...





ଭୁବନେଶ୍ୱର,୧୪।୯(ପି.ଏନ): ଓଏଏସ୍ ଅଫିସର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ଘରେ ଆଜି ଭିଜିଲାନ୍ସ ଚଢ଼ାଉ କରିଥିବା ବେଳେ ବହୁ ସମ୍ପତ୍ତି ଠାବ କରିଛି।ଶ୍ରୀ ଜେନାଙ୍କର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସ୍ଥିତ ଜେନା କଲୋନୀରେ ୭୫୫୪ ବର୍ଗଫୁଟ ଅଞ୍ଚଳରେ ଏକ ତିନି ମହଲା କୋଠା ଅଛି। ଏହାର ମୂଲ୍ୟ ପ୍ରାୟ ୧.୩୬ କୋଟି ଟଙ୍କା। ତା'ସହିତ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ହରିପୁରରେ ତାଙ୍କର ଏକ କୋଠା ଅଛି।ତାଙ୍କର ୬ଟି ପ୍ଲଟ୍ ଅଛି। ସେଥିରୁ ୫ଟି ବାଣପୁରର ଛୋଟରାୟପୁର ଶାସନରେ ଥିବା ବେଳେ ଆଉ ଗୋଟିଏ ବାଲୁଗାଁର ସରଳାପଦରରେ ଅଛି। ବାଲୁଗାଁର ରାମପୁର ମୌଜାରେ ଆଉ ଗୋଟିଏ ବେନାମୀ ପ୍ଲଟ କିଣିବା ପାଇଁ ସେ ୧୧ ଲକ୍ଷ ଟଙ୍କ ଆଗୁଆ ପୈଠ କରିଛନ୍ତି। ଏହି ସବୁ ପ୍ଲଟ୍ ଗୁଡିକର ମୂଲ୍ୟ କେତେ ହେବ, ତାହା ଜାଣିବା ପାଇଁ ମାପଚୁପ ଓ ହିସାବ ଜାରି ରଖିଛି ଭିଜିଲାନ୍ସର ବୈଷୟିକ ଟିମ୍।

## ପ୍ରାଥମିକ ଶିକ୍ଷକ ଆନ୍ଦୋଳନ : ୨୨୦ ଦିନ କାର୍ଯ୍ୟଦିବସ ପୂରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ପି.ଏନ): ୩ ଦଫା ଦାବିରେ ସମୂହ ଛୁଟିରେ ଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ପ୍ରାଥମିକ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ । ଅନ୍ୟପକ୍ଷରେ କାର୍ଯ୍ୟରେ ଯୋଗ ଦେବାକୁ ନାଲି ଆଖି ଦେଖାଇଛନ୍ତି ସରକାର। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏନେଇ ସମସ୍ତ ଡିଇଓ ଓ ବିଇଓଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷା ବିଭାଗର ବିନା ଅନୁମତିରେ ଛୁଟିରେ ଯାଇଥିବାରୁ ତୁରନ୍ତ ଫେରି କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଛି। ଏଥିସହ ୨୨୦ ଦିନ କାର୍ଯ୍ୟଦିବସ ପୂରଣ ନ ହେଲେ ପରବର୍ତ୍ତୀ ସମୟରେ ସମୂହ ଛୁଟିରେ ଥିବା ଶିକ୍ଷକମାନେ ତାହାକୁ ଭରଣା କରିବେ ବୋଲି ଚିଠିରେ ଦର୍ଶାଯାଇଛି। ଏପରିକି ଆନ୍ଦୋଳନ ଯୋଗୁ ଚଳିତ ବର୍ଷ ଯେତିକି କାର୍ଯ୍ୟ ଦିବସ ନିଅଂଟ ହେବ ଆସନ୍ତା ବର୍ଷ ୨୨୦ ଦିନର କାର୍ଯ୍ୟ ଦିବସ ପରେ ତାହାକୁ ସେମାନେ ଭରଣା କରିବେ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି ।ସୂଚନାଯୋଗ୍ୟ ଯେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟରେ ପାଠ ପଢ଼ା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ଯାଇଛି । ୪ ଦିନ ଧରି ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ପରେ ଗତକାଲିଠାରୁ ସମୂହ ଛୁଟିରେ ଯାଇଛନ୍ତି ପ୍ରାଥମିକ ଶିକ୍ଷକ । ଫଳରେ ରାଜ୍ୟରେ ପ୍ରାଥମିକ ଶିକ୍ଷାରେ ଡୋରି ବନ୍ଧା ହୋଇଛି । ରାଜ୍ୟର ୫୬ ହଜାର ପ୍ରାଥମିକ ସ୍କୁଲରେ ତାଲା ପଡ଼ିବା ସହ ଶିକ୍ଷାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଠିକା ଅବଧି ୬ ବର୍ଷ ଏବଂ ଶିକ୍ଷାକର୍ମୀ ୪ ବର୍ଷ ସମୟକୁ ଚାକିରିରେ ଗଣନା କରି ନ୍ୟାସନାଲ ଓ ଇକ୍ରିମେଂଟ ପ୍ରଦାନ କରିବା, ଏକ୍ସକ୍ୟାଡ଼ର ଶିକ୍ଷକଙ୍କୁ ଏଲିମେଂଟାରୀ କ୍ୟାଡ଼ର ଭୁକ୍ତ କରିବା, କଳା, କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରିବା ଦାବି ସହ ଯୁକ୍ତ ଦୁଇ ଯୋଗ୍ୟତା ଆଧାରରେ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ ସହ ପୁରୁଣା ପେନସନ ପୁନଃ ପ୍ରଚଳନ ନିମନ୍ତେ ଆନ୍ଦୋଳନ ଚଳାଇଛନ୍ତି ପ୍ରାଥମିକ ଶିକ୍ଷକ।

## ମୁଖ୍ୟମନ୍ତ୍ରୀଙ୍କ ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀ ଗସ୍ତ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,୧୪।୯(ପି.ଏନ) : ଆଜି ତା ୧୪/୦୯/୨୦୨୩ ରିଖ ସନ୍ଧ୍ୟା ୭ଘଟିକା ସମୟରେ ଶିଖରପୁର ସ୍ଥିତ ହୋଟେଲ ଆଦିତ୍ୟ ପରିସରରେ ଚୌଦ୍ୱାର କଟକ ବିଜୁ ଜନତା ଦଳ ତରଫରୁ ମାନ୍ୟବର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆସନ୍ତା ୧୬ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ କଟକ ଗସ୍ତ ଏବଂ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଦଘାଟନ ହେବାକୁ ଥିବା ସମସ୍ତେ ପ୍ରକଳ୍ପ ଓ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମାନ୍ୟବର ବିଧାୟକ ଚୌଦ୍ୱାର କଟକ ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କଟକ ମହାନଗର ନିଗମ ର କର୍ପୋରେଟରବୃନ୍ଦ, ପୂର୍ବତନ କର୍ପୋରେଟରବୃନ୍ଦ, ୱାର୍ଡ ସଭାପତି ଏବଂ ବିଜୁ ଜନତା ଦଳ ର ରାଜ୍ୟ-ଜିଲ୍ଲା-ନଗର-ଯୁବ-ଛାତ୍ର-ମହିଳା କର୍ମକର୍ତ୍ତା ମାନେ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ର ବିଧାୟକ ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ ଙ୍କ ନେତୃତ୍ୱ ରେ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ଯୋଗଦେବେ ବୋଲି ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ତାଙ୍କ ବକ୍ତବ୍ୟ ରେ ପ୍ରଦାନ କରିଛନ୍ତି । ପରିଶେଷରେ ଚୌଦ୍ୱାର କଟକ ବିଧାୟକ ଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ୍ ନାମଜାରୀ ଦୁର୍ନୀତି ଚେର ଧାମନଗର ତହସିଲରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଲମ୍ବିଛି !

ଭଦ୍ରକ, ୧୪।୯(ପି.ଏନ): ଏହି ଜିଲାର ଧାମନଗର ତହସିଲ କାର୍ଯ୍ୟାଳୟର କେତେକ ଅସାଧୁ କର୍ମଚାରୀ ବେଆଇନ୍ ଭାବେ ଏକ ଜମିର ନାମଜାରୀ କରିଥିବା ବିରୁଦ୍ଧରେ ଉପଜିଲାପାଳ, ସ୍ଥାନୀୟ ତହସିଲଦାର ଓ ସହୀଦନଗର ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ ପରେ ଏହି ଘଟଣାକୁ ଡଂଚକତା ଭାବେ ଚପାଇଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଦୀର୍ଘବର୍ଷ ଧରି ଏଭଳି ଏକ ସଂଗୀନ ଅନିୟମିତତା ବିରୁଦ୍ଧରେ ପ୍ରଶାସନର ତଳସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଅଭିଯୋଗକାରୀ ଜଣାଇ ଆସୁଥିଲେ ମଧ ନ୍ୟାୟ ପାଇବା ତ ଦୂରର କଥା ଏବେ ଘଟଣାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜାଣିବା ନିମନ୍ତେ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମଗାଯାଇଥିବାବେଳେ ସମସ୍ତ ଅଭିଯୋଗକୁ ସରକାରୀ ଖାତାରୁ ଉଭାନ୍ କରିଦିଆଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ସଂପର୍କରେ ଧାମନଗର ତହସିଲ ଅଧୀନସ୍ଥ ସରପୁର ସାମିଲ ଲେଙ୍କାସାହି ନିବାସୀ ଶୋଭାବତୀ ଦାସ ଗଣମାଧ୍ୟମକୁ ଦେଇଥିବା ତଥ୍ୟ ଅନୁସାରେ ତାଙ୍କର ଏକ ପୈତୃକ ଜମିକୁ ସେହି ଗ୍ରାମର ପ୍ରହଲ୍ଲାଦ ଦାସ ଡଂଚକତା କରି ତହସିଲ କାର୍ଯ୍ୟାଳୟର କେତେକ ଅସାଧୁ କର୍ମଚାରୀଙ୍କ ସହାୟତାରେ ବେଆଇନ୍ ଭାବେ ନାମଜାରୀ କରିନେଇଥିଲେ। ଏହି ଘଟଣା ଜାଣିବା ପରେ ଶ୍ରୀମତୀ ଦାସ ସଂପୃକ୍ତ କାର୍ଯ୍ୟାଳୟରେ ତାହା ରଦ୍ଦ କରିବା ନେଇ ଆବେଦନ କରିଥିଲେ। କିନ୍ତୁ କୌଣସି ସୁଫଳ ସେ ପାଇନଥିଲେ। ତେବେ ସେ ଉକ୍ତ ଜମିଟିର ରଦ୍ଦନାମା ନେଇ ୨୦୧୩ ମାର୍ଚ୍ଚ ୧୮ ରେ ଭଦ୍ରକ ଉପଜିଲାପାଳଙ୍କ ସମେତ ଧାମନଗର ତହସିଲଦାର ଓ ସହୀଦନଗର ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ରେଜେଷ୍ଟ୍ରି ଉଇଥ୍ ଏଡି ଡାକ ଯୋଗେ ଅଭିଯୋଗ କରି ଏକ ଦରଖାସ୍ତ ପ୍ରଦାନ କରିଥିଲେ। ଯାହାକୁ ତା ପରଦିନ ଅର୍ଥାତ୍ ୧୯ ଓ ୨୦ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତେ ଗ୍ରହଣ କରିଥିବାର ଏଡି ଫେରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ବେଆଇନ୍ ଘଟଣାର କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଅଭିଯୋଗକାରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କି ପଦକ୍ଷେପ ନିଆଯାଇଛି, ତାହା ଜାଣିବା ନିମନ୍ତେ ସୂଚନା ଅଧିକାର ଆଇନ୍ ବଳରେ ଗତ ଅଗଷ୍ଟ ୧୧ ତାରିଖ ଦିନ ଯେଉଁ ତଥ୍ୟ ମାଗିଥିଲେ, ତାହା ସମସ୍ତଙ୍କୁ ଚକିତ କରିଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶୋଭାବତୀ ଯେଉଁ ତଥ୍ୟ ପାଇଛନ୍ତି, ସେଥିରେ ସେ ଦେଇଥିବା କୌଣସି ଅଭିଯୋଗ ପତ୍ର ଗ୍ରହଣର ଚିହ୍ନବର୍ଣ୍ଣ ନଥିବାର ଦର୍ଶାଯାଇଛି। ଯଦି ଶୋଭାବତୀଙ୍କ କୌଣସି ଆବେଦନ ଉପଜିଲାପାଳଙ୍କ ନିକଟରେ ପ୍ରଦାନ କରାଯାଇନାହିଁ ବୋଲି ସୂଚନା ଅଧିକାର ଆଇନ୍‌ର ତଥ୍ୟ କହୁଛି, ତେବେ ଅଭିଯୋଗକାରୀଙ୍କ ନିକଟରେ ଥିବା ଉପଜିଲାପାଳଙ୍କ ଅଫିସର ମୋହର ଓ ଦସ୍ତଖତ ସମ୍ବଳିତ ପତ୍ରଟି ତାଙ୍କୁ କିଏ ଦେଲା। ଏଣୁ ଏଭଳି ଏକ ଘଟଣାରେ ଅସାଧୁ କର୍ମଚାରୀଙ୍କ ହାତ ଯେ ଧାମନଗର ତହସିଲରୁ ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲମ୍ବିଛି, ଏଥିରେ ସନ୍ଦେହ ନାହିଁ ବୋଲି ଅଭିଯୋଗକାରୀ ଗଣମାଧ୍ୟମକୁ କହିଛନ୍ତି। ଏବଂ ଏହି ଘଟଣାର ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଜିଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ଲ୍ୟାଣ୍ଡ ବେଳେ ରନୱେରୁ ଖସିଲା ବିମାନ, ଦି'ଖଣ୍ଡ ହେବା ପରେ ଲାଗିଗଲା ନିଆଁ



ମୁମ୍ବାଇ,୧୪।୯(ପି.ଏନ): ମୁମ୍ବାଇ ଏୟାରପୋର୍ଟରେ ପ୍ରବଳ ବର୍ଷା ଯୋଗୁ ବଡ ଅଘଟଣ ଘଟିଛି। ଗୋଟିଏ ଘରୋଇ ଚାର୍ଟର୍ଡ ବିମାନ ଆଜି ମୁମ୍ବାଇ ଏୟାରପୋର୍ଟରେ ଲ୍ୟାଣ୍ଡ କରୁଥିବା ବେଳେ ରନୱେରୁ ଖସି ଯାଇଛି। ବିମାନଟି ରନୱେରୁ ଖସିବା ପରେ ଦି' ଖଣ୍ଡ ହୋଇଯିବା ସହ ଏଥିରେ ନିଆଁ ମଧ୍ୟ ଲାଗି ଯାଇଛି। କ୍ରାଶ ବେଳେ ବିମାନରେ ୬ ଜଣ ଯାତ୍ରୀ ଓ ଦୁଇ ଜଣ କ୍ରୁ ସଦସ୍ୟଙ୍କୁ ମିଶାଇ ମୋଟ ୮ ଜଣ ଲୋକ ଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆହତଙ୍କ ଅବସ୍ଥା କେତେ ଗୁରୁତର ରହିଛି, ସେକଥା ଜଣାପଡିନି।









## ଟି ଟାଇମ୍

# ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିକିଁ ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୫**

# ସୁଚିନ୍ତିତ ମତାମତ


ସୁଚରିତା ମହାନ୍ତି

ସମୟ ସକାଳ ଛ' । ମୁଁ ପେପର ପଢ଼ିବାରେ ମଗ୍ନ ଥାଏ ସେତେବେଳେ ଫୋନ୍ କଲ୍ ଟେ ଆସିଲା । ଉଠିଯାଇ ଦେଖିଲି ସେଥିରେ ନାଁ କାହାରି ଆସୁନି ତେଣୁ ନଧରି ରଖିଦେଲି । ପୁଣି ଦୁଇ ଥର କଲ୍ ଆସିଲା । ଭାବିଲି ହୁଏତ କାହାର ବୋଧହୁଏ କିଛି ଅସୁବିଧା ହୋଇଛି ନହେଲେ ଏତେ କଲ୍ ଜଣେ କାହିଁକି କରିବ !ପଚାରିଲି, କିଏ କହୁଥିଲେ ?

ସସମ୍ମାନେ ଉତ୍ତର ଆସିଲା ମହାଶୟା ପ୍ରଣାମ ଜାଣିବେ ।ମୁଁ ଆପଣଙ୍କୁ ଜାଣେ ହେଲେ ଆପଣ ମୋତେ ଜାଣି ନାହାନ୍ତି । କ୍ଷମା କରିବେ ମୁଁ ଆପଣଙ୍କ ନମ୍ବର ଖବର କାଗଜ ରୁ ପାଇଥିଲି । ଆପଣଙ୍କ ସ୍ପଷ୍ଟବାଦୀ ଲେଖା ମୋତେ ଅତ୍ୟନ୍ତ ଭଲଲାଗେ । କିଛି ଦିନ ହେବ ଆଉ କୌଣସି ଖବର କାଗଜ ରେ ଆପଣଙ୍କ ଲେଖା ପଢ଼ିବାକୁ ମିଳୁନାହିଁ ତେଣୁ ଭାବିଲି କଲ୍ କରି କଥା ହୋଇଯିବି ।ମୁଁ ଧନ୍ୟବାଦ ଓ ପ୍ରତି ନମସ୍କାର ଜଣାଇ ପୁଣି ପଚାରିଲି, ଆପଣଙ୍କ ନାମ ମୋତେ କୁହନ୍ତୁ ? ତଥାପି ବାବୁ ଜଣଙ୍କ ତାଙ୍କ ନାମ କହିଲେ ନାହିଁ । କେବଳ ପ୍ରଶଂସା କରି ଚାଲିଥିଲେ ।ତାଙ୍କ କଥା ରୁ ଲାଗୁଥିଲା ସେ ବହୁତ ବୟସ୍କ । ଏବଂ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି । ନ'ହେଲେ ଏତେ ନମ୍ର ଭାବରେ ବାର୍ତ୍ତାଳାପ କରିବା ମୁଁ ଅନ୍ୟ କାହାଠୁ ଶୁଣିନାହିଁ ।କେବଳ ଏତିକି କହିଲେ,ମା' ! ମୁଁ ପୁରୀ ଜିଲ୍ଲାରୁ କହୁଚି ।ରହିଲି , ଆପଣଙ୍କ ଲେଖା ଅପେକ୍ଷା ରେ । ଆପଣଙ୍କ ଉପରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ଥାଉ । ମୁଁ କହିଲି, ଆଜ୍ଞା ନିଶ୍ଚିତ ଭାବରେ ଚେଷ୍ଟା କରିବି ଭଲ ଲେଖା ଦେବାପାଇଁ । ଆପଣଙ୍କ ଫୋନ୍ କଲ୍ ମୋ ପାଇଁ ଆଶୀର୍ବାଦ । ଆପଣ ସୁସ୍ଥ ଥା'ନ୍ତୁ ଆବଶ୍ୟକ ପଡ଼ିଲେ କଥା ହେବେ । ପ୍ରଣାମ ଜଣେଇ ରହିଲି ।କିଛି ସମୟ ନିରବ ରେ ବସି ଭାବିଲି ଆମ ସାହିତ୍ୟ ଜଗତ କଥା । ଆମେ ଏମିତି କାହିଁକି ହେଉଛୁ ? କ'ଣ ଟିକିଏ ଲେଖିସାରିବା ପରେ ସମ୍ବର୍ଦ୍ଧନା ପଛରେ ପଡ଼ିଯାଇ ନିଜର ମାନ ସମ୍ମାନ ହରେଇ ସମାଲୋଚିତ ହୋଇ ଏକ କଳଙ୍କ ଅଧ୍ୟାୟ ସୃଷ୍ଟି କରିଚାଲିଚୁ ।

ଛାଡ଼ନ୍ତୁ । କାହାକୁ କହି କ'ଣ ବା ଲାଭ !

କହିଲେ, କହିବେ କହୁଚି ।ଉଠି କାମ ସାରିଲି । ହଁ ଏବେ ଲେଖା ଆରମ୍ଭ କରିବାକୁ ହେବ । ବିଭିନ୍ନ ପ୍ରକାର କାମ ଚାପରେ ଦୁଇ ମାସ ହେବ ଆଉ କିଛି ଲେଖା ଲେଖି କରିବା ସମ୍ଭବ ହେଉ ନଥିଲା । ଭାବିଲି କ'ଣ ଲେଖିବି ? ଏବେ ମୁଣ୍ଡକୁ ପଶିଲା ଏଇ ମହାଶୟଙ୍କ ବିଷୟରେ ଦୁଇ ପଦ ନଲେଖିଲେ ମୋତେ ବ୍ୟତିବ୍ୟସ୍ତ ଲାଗିବ । ମହାଶୟଙ୍କ ଫୋନ୍ କଲ୍ ମୋ ପାଇଁ ପ୍ରେରଣାର ଉତ୍ସ ନିଶ୍ଚୟ ।ପ୍ରତିଥର ଲେଖା ବାହାରିଲେ ଅନେକ ଲୋକ କଲ୍ କରି ଶୁଭେଚ୍ଛା ଜଣାଇଥାନ୍ତି । ସେଥିରେ ମୋତେ ମିଳିଥାଏ ମୋ ଲେଖା ର ପାଉଣା ।ସମସ୍ତେ କହନ୍ତି,ପାଠକ ନାହାନ୍ତି ।ମୁଁ କହିବି, ଏହା ଆମର ସମ୍ପୂର୍ଣ୍ଣ ମିଥ୍ୟା ଭାବନା । ହଁ କିଛି ଅଛନ୍ତି ପଢ଼ିବା ପରେ ଚୁପଚାପ୍ ରହିଥାନ୍ତି, ତାଙ୍କର କୌଣସି ପ୍ରତିକ୍ରିୟା ନଥାଏ । କାରଣ ସେମାନଙ୍କୁ ଜଣାନଥାଏ କିପରି ଭାବରେ ପାଠକୀୟ ମତ ବାଢ଼ିବେ ଅଥବା ଆଉ କିଛି ଥାନ୍ତି ନିଜର ଅହଙ୍କାର ବଶତଃ ନୀରବ ରହିଥାନ୍ତି । ଏପରିକି ଅନେକେ ଅଛନ୍ତି ଇଚ୍ଛା ଥିଲେ ବି ସେମାନେ ସୁବିଧା ପା'ନ୍ତି ନାହିଁ ପାଠକୀୟ ସ୍ୱୀକୃତି ପ୍ରଦାନ କରିବା ପାଇଁ ।ସେ ଯାହା ବି ହେଉ ସମାଜ ପାଇଁ କୌଣସି ପ୍ରୟୋଜନୀୟ ଲେଖା କୁ ଲୋକେ ଅବଶ୍ୟ ଗ୍ରହଣ କରନ୍ତି । ମଣିଷ,ବାଘ, ଛେଳି,ହାତୀ, ଘୋଡ଼ା, କୁକୁର,ମେଣ୍ଢା ସମସ୍ତଙ୍କ ଜୀବନ ଶୈଳୀ ରେ ଭିନ୍ନତା ଅଛି ସତ ତଥାପି ସମସ୍ତେ ସମସ୍ତଙ୍କ ପାଇଁ ଆବଶ୍ୟକ ହୋଇଥାନ୍ତି ।

ଏକଥା କହିବାର ଉଦ୍ଦେଶ୍ୟ ହେଲା

ଆମେ ଯେତେବେଳେ ବି ଯାହା କରିଥାନ୍ତି ବା କରୁଚୁ ଅନ୍ୟମାନଙ୍କ ଉପରେ ଆସ୍ଥା ବା ବିଶ୍ୱାସ ରଖି କରୁଚୁ ।ପାଠକୀୟ ମତ ଏବଂ ପ୍ରଶଂସା ପାଇଲେ କବି, ଗାଳ୍ପିକ, ପ୍ରାବନ୍ଧିକ, ଔପନ୍ୟାସିକ ଏବଂ ସ୍ତମ୍ଭକାର ମାନେ ନିଜକୁ ସୌଭାଗ୍ୟବାନ ବୋଲି ମଣି ଥାନ୍ତି ।ମିଛ ପ୍ରଶଂସା ନ ସାଉଣ୍ଟି କିଛି ଭଲ କାମ କରିବା ରେ ଯେଉଁ ଅପୂର୍ବ ଆନନ୍ଦ ମିଳେ ମୋ ମତରେ ତାହାହିଁ ହୁଏତ ସ୍ୱର୍ଗୀୟ ଆନନ୍ଦ କୁହାଯାଇ ପାରେ । ସୋସିଆଲ ମିଡିଆରେ ଅନେକ ଲେଖା ପଢ଼ିବାକୁ ମିଳୁଛି କିନ୍ତୁ ତା' ଭିତରେ ଅତ୍ୟନ୍ତ ଉପଯୋଗୀ ଲେଖା କୁ କେହି ପସନ୍ଦ କରନ୍ତି ନାହିଁ କି ମତାମତ ବାଢ଼ନ୍ତି ନାହିଁ ।ଆଉ କିଛି ଲେଖା କୁ ଏପରି ଭାବରେ ମତାମତ ଦେଇଥାନ୍ତି ଯାହା କି ହାସ୍ୟାସ୍ପଦ ହୋଇଥାଏ । ଏଭଳି ମିଛ ପ୍ରଶଂସା ଦ୍ୱାରା ଲେଖକ ନିଜର ଥିବା ଭୁଲ୍ କୁ ସୁଧାରି ପାରେନାହିଁ ବରଂ ମିଛ ପ୍ରଶଂସାରେ ପୋତି ହୋଇ ଆହୁରି କୁ ପଥରେ ପାଦ ଥାପି ଥାଏ । ତେଣୁ ଲେଖା ର ମାନ ଦେଖି ପ୍ରଶଂସା କରିବା ସହିତ କେଉଁଠି କ'ଣ ପରିବର୍ତ୍ତନ ବା ଆଉ କେମିତି ଭଲ ହୋଇପାରିବ ସେ ସମ୍ବନ୍ଧରେ ମତ ଦେଲେ ଭବିଷ୍ୟତ ରେ ସୁନ୍ଦର ସୁନ୍ଦର ଆବଶ୍ୟକୀୟ ଲେଖା ସ୍ଥାନ ପାଇପାରିବ । ଯାହା କି ସମସ୍ତଙ୍କ କାମରେ ଲାଗିପାରିବ ।ଏଇ କିଛି ଦିନ ପୂର୍ବରୁ ଜଣେ ଶିକ୍ଷୟିତ୍ରୀ ମୋତେ କଲ୍ କରି ନିଜର ଦୁଃଖ ପ୍ରକାଶ କଲେ । କହିଲେ, ମାମ୍ ମୋ ଲେଖା ରେ କେହି ଲାଇକ୍ କିମ୍ବା କମେଣ୍ଟ୍ କରନ୍ତି ନାହିଁ । ମୁଁ ଏକଥା ଶୁଣି ହସିଲି ଏବଂ କହିଲି ମାଡାମ୍ ଦେଖନ୍ତୁ ବର୍ତ୍ତମାନ ସମୟରେ ଲୋକମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି । ଯଦି ତୋଷାମଦ ନକରିବେ ମିଛ ପ୍ରଶଂସା ନକରିବେ ତା'ହେଲେ କିଛି ମିଳିବ ନାହିଁ ।ସେ ମଧ୍ୟ ହସିଲେ । ପ୍ରକୃତରେ ତାଙ୍କ ର ଲେଖା ଯେତେବେଳେ ବି ମୁଁ ପଢ଼ିଚି ସେଥିରେ କିଛି ନା କିଛି ନୂତନତ୍ୱ ଥାଏ ।ଅଥଚ ଲୋକ ମାନଙ୍କର ପସନ୍ଦ ହୁଏତ ଅନ୍ୟକିଛି ।କଥା ରେ ଅଛି ପରା--

'ଖା'--ଭୁଞ୍ଜ,--ଗିଳ୍'ତେଣୁ ଏସବୁ କଥାରେ କାହାକୁ କ'ଣ ବାଧ କରିହେବ କି ।

ବାସ୍....'ଆଲୋ ସଖୀ !ଆପଣା ମହତ ଆପେ ରଖି ।'ଜଣେ ଲେଖକ ର ବଳିଷ୍ଠ ଲେଖା ସମାଜର ଦର୍ପଣ ସଦୃଶ୍ୟ ହୋଇ ଥାଏ । ନିଜର ସୃଜନ ଶକ୍ତି କୁ ଏପରି ଭାବଧାରାରେ ନିଅନ୍ତୁ ଯାହାକି କାଳଜୟୀ ହୋଇପାରିବ ।

ତା'ପରେ ଆପଣ ମାନେ ଭାବନ୍ତୁ କେଉଁଟା ଠିକ୍ ଆଉ କେଉଁଟା ଭୁଲ୍ ।

ମୁଁ ମଧ୍ୟ ରହୁଚି ଆପଣମାନଙ୍କ ସୁଚିନ୍ତିତ ମତାମତ ଅପେକ୍ଷା ରେ ।

*ମାହାଙ୍ଗା,କଟକ*
*ମୋ: ୮୯୧୭୫୭୧୨୦୨*

## ଲୁକ୍ ଆଉଟ ନୋଟିସ ବା ଲୁକଆଉଟ ସର୍କୁଲାର କ'ଣ ?


ଯୁଧିଷ୍ଠିର ମହାରଣା

ହଜାର ବର୍ଷର ସହର ଭାବେ ପରିଚିତ କଟକ ସହରରେ କହିବାକୁଗଲେ ବିଶ୍ୱକର୍ମ ପୂଜାରୁ ଆରମ୍ଭ ହୋଇଯାଉଛି ପାର୍ବଣର ମାହୋଲ । ପରେ ପରେ ଗଜାନନଙ୍କ ପୂଜା, ନୂଆଖାଇ, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଓ ପଛକୁ ବାଲିଯାତ୍ରାକୁ ଦେଖିବା ପରେ ନୂଆବର୍ଷ ପର୍ଯ୍ୟନ୍ତ ଏହି ପୂଜାର ସମୟ ଭିତରେ ଅସାମାଜିକ ଓ ଦାଗୀ ରେକର୍ଡ଼ଧାରୀ ଅପରାଧୀ ମାନଙ୍କ ଉପରେ ପୋଲିସ ଆଗୁଆ ସତର୍କ ହୋଇଛି । କିଛି କୁଖ୍ୟାତ ଅପରାଧୀଙ୍କୁ ତଡ଼ିପାର କରାଯାଇଥିବାବେଳେ ଆଉ କିଛିଙ୍କୁ ଲୁକଆଉଟ ନୋଟିସ ଜାରି କରାଯାଇଛି । କିଛି ଅପରାଧୀ ଜେଲରୁ ଖଲାସ ହୋଇଥିଲେ ବି କିମ୍ବା ପାରୋଲରେ ସାମୂହିକ ଭାବେ ଆସିଥିଲେ ମଧ୍ୟ ସେମାନଙ୍କ ଉପରେ ସ୍ଥାନୀୟ ପୋଲିସର ଖବରୀମାନେ ନଜର ରଖିଥାନ୍ତି । ତେବେ ଏହି ଲୁକଆଉଟ ନୋଟିସକୁ ନେଇ ଅନେକଙ୍କ ଭିତରେ ସାଧାରଣ ଭାବେ କୌଣସି ଧାରଣା ନଥାଏ । କୌଣସି ଅଭିଯୁକ୍ତ ଯେତେବେଳେ ଦେଶ ବାହାରକୁ ଖସି ଯିବାକୁ ଯୋଜନା କରୁଥାଏ, ସେହି ସମୟରେ ଲୁକଆଉଟ ନୋଟିସ ଜାରି କରାଯାଇଥାଏ । ଅଭିଯୁକ୍ତ ବିରୋଧରେ ଯେଉଁ ଥାନାରେ ମାମଲା ରୁଜୁ ହୋଇଥାଏ, ସମ୍ପୃକ୍ତ ଥାନାର ତଦନ୍ତକାରୀ ଅଧିକାରୀ ଏ ସଂକ୍ରାନ୍ତରେ ଜିଲ୍ଲା ଏସପି ଡିସିପିଙ୍କୁ ଅଭିଯୁକ୍ତ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ଦିଅନ୍ତି । ଏଥିରେ ତା ଫଟୋ ସହିତ ଆଧାର, ପ୍ୟାନ ଇତ୍ୟାଦି ରୁହେ । ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ତିନୋଟି ଅତିରିକ୍ତ ତଥ୍ୟ ଦିଆଯାଏ । ଯାହା ଫଳରେ ଅଭିଯୁକ୍ତଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ । ଏହି ତଥ୍ୟ ଜିଲ୍ଲା ଏସପି/ଡିସିପି ତୁରନ୍ତ କ୍ରାଇମବ୍ରାଞ୍ଚକୁ ପଠାଇଥାନ୍ତି । କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ତଥ୍ୟ ଦେଶର ସମସ୍ତ ଅନ୍ତର୍ଜାତୀୟ ବିମାନ ବନ୍ଦର, ସମୁଦ୍ର ବନ୍ଦର, ଦେଶର ସୀମାରେ ଥିବା ଚେକ ପୋଷ୍ଟରେ ଜାରି କରାଯାଇଥାଏ । ଭାରତରେ ମଧ୍ୟ ଅନେକ ନାମୀଦାମୀ ତଥା ହାଇପ୍ରୋଫାଇଲ ଅପରାଧୀ ଓ ମାଫିଆଙ୍କ ଉପରେ ଏହି ଲୁକଆଉଟ ନୋଟିସ ଜାରି ହୋଇଥାଏ । ସେମାନଙ୍କ ଉପରେ କେବଳ ବିମାନ ବନ୍ଦର ନୁହେଁ କହିବାକୁଗଲେ ଜଳ, ସ୍ଥଳ ଓ ଆକାଶ କ୍ଷେତ୍ରରେ କଡା ନଜର ରଖାଯାଇଥାଏ । ଯାହାଫଳରେ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷାକର୍ମୀମାନେ ଯାଞ୍ଚ ସମୟରେ ଏଭଳି କେହି ସନ୍ଦିଗ୍ଧ ଅତିକ୍ରମ କରୁଥିଲେ ତାକୁ ସେଠାରେ କାବୁ କରାଯାଇଥାଏ । ପ୍ରାଥମିକ ଦୃଷ୍ଟି ରଖିଥିବା ଅଧିକାରୀମାନେ ଲୁକଆଉଟ ନୋଟିସ ତାଲିକାରେ ଥିବା ସମ୍ପୃକ୍ତ ଅପରାଧୀର ତଥ୍ୟ ବା କୌଣସି ସାମାନ୍ୟତମ ସୂଚନା ପାଇବାମାତ୍ରେ ସେମାନେ ତାଙ୍କ ଉପରୋକ୍ତ ଅଧିକାରୀଙ୍କୁ ତୁରନ୍ତ ଜଣାଇଥାନ୍ତି । ଅଭିଯୁକ୍ତ କାବୁ ହେବା ପରେ ଏ ସମ୍ପର୍କିତ ସୂଚନା କ୍ରାଇମବ୍ରାଞ୍ଚକୁ ମିଳିଥାଏ । କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ମାଧ୍ୟମରେ ତାକୁ କାବୁ କରିଥାଏ । ଲୁକ ଆଉଟ ନୋଟିସ ଜାରି ହେବାର ଏକ ବର୍ଷ ଭିତରେ ଯଦି ଅଭିଯୁକ୍ତ ଗିରଫ ନ ହୋଇପାରିଲା, ତେବେ ଏହି ସମୟରେ ଏହାର ବୈଧତା ଆହୁରି ଏକ ବର୍ଷ ସମାନ ଶୈଳୀରେ ତଦନ୍ତକାରୀ ଅଧିକାରୀ ବୃଦ୍ଧି କରିପାରିବେ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୧୬୩୫୨୮*

# ସ୍କ୍ରବ୍ ଟାଇଫସ ଓ ସ୍ୱାସ୍ଥ୍ୟ ସତର୍କତା


ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ରାଜ୍ୟରେ ଏବେ ହୁ ହୁ ହୋଇ ଡେଙ୍ଗୁ ବ୍ୟାପୁଥିବା ବେଳେ ଆଉ ଏକ ରୋଗ ସ୍କ୍ରବ ଟାଇଫସକୁ ନେଇ ଚିନ୍ତା ବଢ଼ିଛି । ଏହା ଚିଗର ନାମକ ଏକ କୀଟ କାମୁଡ଼ିଲେ ହେଉଛି । ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି । ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା । ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ୍ୟ ସମ୍ଭାବନା ରହିଛି । ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ ହୋଇଯାଏ । ଏହାର ପରୀକ୍ଷା ସବୁ ଜିଲ୍ଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲଥ ଲାବରୋଟୋରୀରେ ଏଲିଶା ପଦ୍ଧତିରେ କରାଯାଉଛି । ଚିହ୍ନଟ ହେଲେ ଚିକିତ୍ସା ସହଜ । ସାଧାରଣ ଆଣ୍ଟିବାୟୋଟିକ କାମ ଦେବ । ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫସ ସଂକ୍ରମଣ ଦେଖିବାକୁ ମିଳିଥାଏ । ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ । ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ । ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି । ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ । ବରଂ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହି ସଂକ୍ରମଣ ହେଉଛି । ସ୍କ୍ରବ ଟାଇଫସରେ ଆକ୍ରାନ୍ତତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ । ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ । ଯାହାକୁ ଏସ୍କର ଭାବେ ବିବେଚନା କରାଯାଉଛି । ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ଼ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା । ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା । ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ କିମସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ୨୦୧୧-୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି । ଦେଶରେ ସ୍କ୍ରବ ଟାଇଫସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ରହିଛି । ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି । ତେବେ ସ୍କ୍ରବ ଟାଇଫସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍ । ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍କର ଦେଖିବାକୁ ନ ମିଳିବା ମଧ୍ୟ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ । ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ । ଓଡ଼ିଶାରେ ସ୍କ୍ରବ ଟାଇଫସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କିଛି ଦିନ ତଳେ ଏକ ତିନି ଜଣିଆ ଡାକ୍ତରଙ୍କ ସ୍ୱାସ୍ଥ୍ୟ ସମୀକ୍ଷାଜନିତ ଓ ଏ ନେଇ ଗବେଷଣାତ୍ମକ ତଥ୍ୟ ପ୍ରକାଶ ପାଇଥିଲା । ରାଜ୍ୟରେ ଏବେ ପ୍ରତିଦିନ ୨୦୦ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି । ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ଅନୁମାନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି । ସେମାନଙ୍କ ମଧ୍ୟରୁ ୫୯୭ ଜଣ ପଜିଟିଭ ବାହାରିଛନ୍ତି । ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ ପିରିୟଡ଼ । ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ । ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ । ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ । ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ନିଜେ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କରନ୍ତୁ । ବାହାରକୁ ଯାଉଥିଲେ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରହିବା ନେଇ ସତର୍କ ରୁହନ୍ତୁ । ସିଝା ପାଣି ପିଅନ୍ତୁ, ଗରମ ଖାଦ୍ୟ ଓ ସୁଷମ ଖାଦ୍ୟ ଖାଆନ୍ତୁ । ଆମିଷ ନଖାଇଲେ ଭଲ । ମଦ୍ୟପାନ ବା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ବାଞ୍ଛନୀୟ । ଫାଷ୍ଟଫୁଡ ଖାଦ୍ୟ, ବାହାର ଖାଦ୍ୟ, ଅଣ୍ଡା ଜାତୀୟ ଖାଦ୍ୟ ବା ପାନୀୟ ନଖାଇବା ଭଲ । ଫ୍ରିଜରେ କୌଣସି ବାସୀ ଖାଦ୍ୟ ରଖି ପରଦିନ ଏହାକୁ ଗରମ କରି ଖାଆନ୍ତୁ ନାହିଁ । ଯଥାସମ୍ଭବ ନିଜ ଘର ବିଶେଷକରି ଶୋଇବା ଘର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଘର ଭିତରକୁ ଯେପରି ବିଶୁଦ୍ଧ ପବନ ଓ ଖରାର ଆଲୋକ ପଡୁଥିବ ସେ ଦିଗକୁ ଦେଖନ୍ତୁ । ଘରେ କୌଣସି ଅଦରକାରୀ ଜିନିଷ ରଖନ୍ତୁ ନାହିଁ, ରାତିରେ ମଶାରୀ ଟାଙ୍ଗି ଶୁଅନ୍ତୁ । ଯୋଗ ପ୍ରାଣାୟମ ଅଭ୍ୟାସ ଥିଲେ ସତର୍କତା ଅବଲମ୍ବନ କରି ଏହାକୁ ପାଳନ କରନ୍ତୁ । କିନ୍ତୁ ସାମାନ୍ୟ ବର୍ଷରେ ମଧ୍ୟ ତିନ୍ତି ମର୍ଣ୍ଣିଂୱାର୍କ କରନ୍ତୁନାହିଁ । ଶରୀରରେ ଜ୍ୱର ଲାଗି ରହୁଥିଲେ ସରକାରୀ ସ୍ୱାସ୍ଥ୍ୟସେବାର ସହାୟତା ନିଅନ୍ତୁ କିମ୍ବା ଡାକ୍ତରୀଙ୍କ ପରାମର୍ଶ ନିଅନ୍ତୁ । ତୁଟୁକା ତୁଟୁକି ଚିକିତ୍ସା ବା ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ । ଅଧିକ ଦିନ ଜ୍ୱର ଲାଗିରହିଲେ ରକ୍ତ ପରୀକ୍ଷା କରି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସ୍କ୍ରବ ଟାଇଫସକୁ ନେଇ ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ । ପ୍ରାଥମିକ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରୀ ପରାମର୍ଶରେ ଚିକିତ୍ସା ଗ୍ରହଣ କଲେ ଆପଣ ଆରୋଗ୍ୟ ଲାଭ କରିବେ ।

*କନସଲଟାଣ୍ଟ ରେଡ଼ିଓଲୋଜିଷ୍ଟ,*
*ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# 'ବସୁଧୈବ କୁଟୁମ୍ବକମ' : ବିଶ୍ୱଗୁରୁ ଭାରତ


ସୌର ଚନ୍ଦ୍ର ମହାପାତ୍ର

ଭାରତ ଅଧ୍ୟକ୍ଷତାରେ ଜି-୨୦ ସମ୍ମିଳନୀ ସଫଳତାର ସହ ସମ୍ପର୍ଣ୍ଣ ହୋଇଥିବାବେଳେ ଏହା ବିଶ୍ୱସ୍ତରରେ ଭାରତର ପ୍ରାଧାନ୍ୟ ବଢ଼ାଇ ଦେଇଛି । ଭାରତର ଅଧ୍ୟକ୍ଷତାକୁ ବିଶ୍ୱନେତାମାନେ ହୃଦୟ ଖୋଲା ପ୍ରଶଂସା କରିବା ସହ 'ଗୋଟିଏ ପୃଥିବୀ, ଗୋଟିଏ ପରିବାର' ଆଭିମୁଖ୍ୟ ବିଶ୍ୱକୁ ଏକଜୁଟ କରିବାରେ ବଳିଷ୍ଠ ଭୂମିକା ନେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ନୂଆଦିଲ୍ଲୀ ଘୋଷଣାନାମାରେ ବିଶ୍ୱ ଶାନ୍ତି, ସମୂହ ସୁରକ୍ଷା, ସହଯୋଗ, ପରିବେଶ ଏବଂ ସର୍ବୋପରି ଭବିଷ୍ୟତ ନିମନ୍ତେ ଏକ ନୂଆ ଖସଡ଼ା ପ୍ରସ୍ତୁତ ହୋଇଛି ଯାହାକି ଆଗାମୀ ଦିନରେ ସଦସ୍ୟ ରାଷ୍ଟ୍ରମାନେ ନିଷ୍ଠାର ସହ ପାଳନ କରିବା ନିମନ୍ତେ ପ୍ରତିବଦ୍ଧତା ପ୍ରକଟ କରିଛନ୍ତି । କରୋନା ମହାମାରୀ ପରବର୍ତ୍ତୀ ଏବଂ ୟୁକ୍ରେନ ଯୁଦ୍ଧ ପୃଷ୍ଠଭୂମିରେ ବିଶ୍ୱରେ ଏଭଳି ଏକ ବାସ୍ତବବାଦୀ ଘୋଷଣାନାମା କୁତ୍ରାପି ଗ୍ରହଣ କରାଯାଇ ନଥିଲା । ତେଣୁ କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟ ରାଷ୍ଟ୍ର ଓ ଶାସନ ମୁଖ୍ୟମାନେ ନୁହନ୍ତି, ଜାତିସଂଘ ଠାରୁ ଆରମ୍ଭ କରି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପର୍ଯ୍ୟନ୍ତ ଅନେକ ବୈଶ୍ୱିକ ଅନୁଷ୍ଠାନ ଭାରତ ଅଧ୍ୟକ୍ଷତାରେ ଆୟୋଜିତ ଜି-୨୦ ଶିଖର ବୈଠକ ଏବଂ ନୂଆଦିଲ୍ଲୀ ଘୋଷଣାନାମାକୁ ସମର୍ଥନ ଜଣାଇଛନ୍ତି । ବିଶ୍ୱ ଇତିହାସର ଏକ ଅତ୍ୟନ୍ତ ଜଟିଳ ଓ ସ୍ପର୍ଶକାତର କ୍ଷଣରେ ଭାରତ ଜି-୨୦ର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ । ଭାରତର ଏହି ସଫଳତା ପଚରେ ରହିଛି ବିଶ୍ୱର ବିଭିନ୍ନ ରାଷ୍ଟ୍ର, ବିଶେଷ କରି ଜି-୨୦ ଓ ଏହାର ସହଯୋଗୀ ଦେଶଙ୍କ ସହ ବ୍ୟକ୍ତିଗତ ଉତ୍ତମ ସମ୍ପର୍କ ରକ୍ଷା ଓ ବିଶ୍ୱାସବର୍ଦ୍ଧନ ପଦକ୍ଷେପ । ତାହା ହୋଇ ନଥିଲେ ଦିଲ୍ଲୀ ଘୋଷଣାନାମାକୁ ଚୀନ ଓ ରୁଷିଆ ସହିତ ଜି-୨୦ର ସବୁ ସଭ୍ୟ ରାଷ୍ଟ୍ର ସର୍ବସମ୍ମତି ସମର୍ଥନ କରିନଥାନ୍ତେ । ଭାରତର ରାଜନୀତି ଓ ସଫ୍ଟ ପାୱାର (କୋମଳ ଶକ୍ତି) ଏ କ୍ଷେତ୍ରରେ ଦେଶକୁ ବିଜୟ ଆଣିଦେଇଛି ।

ଜି-୨୦ ବା କୋଡିଏ ରାଷ୍ଟ୍ରସମୂହର ସମଷ୍ଟି ୧୯୯୯ରେ ଗଠିତ ହୋଇଥିଲେ ହେଁ, ଏହାର ଗଣତାନ୍ତ୍ରିକରଣ ଏବଂ ସକ୍ରିୟତା ଏବେ ଅନୁଭୂତ ହେଉଛି । ୧୯ଟଠି ଦେଶ ଏବଂ ୟୁରୋପିଆନ ୟୁନିଅନକୁ ନେଇ ଗଠିତ ଏହି ଅର୍ଥନୀତିକ ସଙ୍ଗଠନ ସହିତ ଏବେ ସଂପୃକ୍ତ ହୋଇଛି ଆଫ୍ରିକାନ ୟୁନିଅନ, ଯାହାର ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ହେଉଛି ପଞ୍ଚାବନ । ଦିଲ୍ଲୀ ସମ୍ମିଳନୀ ଏବଂ ଭାରତର ଅଧ୍ୟକ୍ଷତାର ସଂକ୍ଷିପ୍ତ ସାର ଥିଲା – ଋକବେଦର ସେହି ମହାନ ସୂତ୍ର 'ବସୁଧୈବ କୁଟୁମ୍ବକମ' । ଅର୍ଥାତ୍ ସମଗ୍ର ପୃଥିବୀ ଏକ କୁଟୁମ୍ବ ବା ପରିବାର ଭଳି ।ଏବେ ରହିଲା ଜାତିସଂଘର ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଭ୍ୟପଦର ଯୁକ୍ତିଯୁକ୍ତ ଲକ୍ଷ୍ୟ । ଏବେ ଜି-୨୦ ଯେଉଁ ସ୍ଥିତିରେ ପହଞ୍ଚିଛି, ଜନସଂଖ୍ୟା, ଅର୍ଥନୈତିକ ଶକ୍ତି, ସମ୍ବଳ ଓ ରାଷ୍ଟ୍ରୀୟ ପ୍ରତିନିଧିତ୍ୱ ଦୃଷ୍ଟିରୁ ଏହା ଜାତିସଂଘ ଠାରୁ ଅଧିକ ଶକ୍ତିଶାଳୀ ହୋଇପାରିଛି ବୋଲି ଜଣାପଡୁଛି । ସହଯୋଗୀ ସଦସ୍ୟ ଓ ଆନ୍ତର୍ଜାତିକ ସଂଗଠନ ଆଦିକୁ ମିଶାଇଲେ ଏହାର ସଭ୍ୟ ସଂଖ୍ୟା ୬୦ ଉପରେ । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ଏବଂ ଏକ ଆଣବିକ ଅସ୍ତ୍ର ସମୃଦ୍ଧ ଦେଶ । ଏହା ଆଉ ୨୫ ବର୍ଷ ମଧ୍ୟରେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇ ବିଶ୍ୱପର ତୃତୀୟ ବୃହତ୍ ଅର୍ଥନୀତିର ମାନ୍ୟତା ପାଇବ । ଏବେ ବିଶ୍ୱର କୌଣସି ପ୍ରସଙ୍ଗ ନାହିଁ, ଯେଉଁଠି ଭାରତର ନେତୃତ୍ୱ ଓ ମଧ୍ୟସ୍ଥତା ଦରକାର ପଡୁନାହିଁ । ତେଣୁ ନିରାପତ୍ତା ପରିଷଦ ଏବେ ଭାରତ ଭଳି ଦେଶର ଅନୁପସ୍ଥିତିକୁ ଅନୁଭବ କରୁଛି । ସମୟ ବଦଳୁଛି ଓ ଏଥିସହିତ ବିଶ୍ୱର ବାସ୍ତବତା ମଧ୍ୟ ନୂଆରୂପ ନେଉଛି । ସେହି ବାସ୍ତବତା ଏବେ ଜାତିସଂଘର ବିକଳ୍ପ ନୂଆ ବିକଳ୍ପ ଖୋଜୁଛି । ଏବେ ଭାରତ ନିରାପତ୍ତା ପରିଷଦରେ ସ୍ଥାୟୀ ସଭ୍ୟପଦ ପାଇବ କି ନାହିଁ ତାହା ବିଶ୍ୱର ରାଷ୍ଟ୍ରମାନେ ବିଚାର କରିବେ ।

ଦିଲ୍ଲୀଠାରେ କୌଣସି ମିଳିତ ଘୋଷଣାନାମା ସମ୍ଭବ ହେବନାହିଁ ବୋଲି ନିରାଶବାଦୀମାନେ ଆଶଙ୍କା ପ୍ରକାଶ କରିଥିଲେ । ସେମାନେ ଭୁଲିଯାଇଥିଲେ ଯେ ୨୦୨୨ ବାଲି ଘୋଷଣାନାମା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ସମ୍ଭବ ହୋଇପାରିଥିଲା ବୋଲି ଯୁକ୍ତରାଷ୍ଟ୍ର ଆମେରିକା ପ୍ରକାଶ୍ୟରେ ସୂଚନା ଦେଇଥିଲେ । ଦିଲ୍ଲୀ ଘୋଷଣାନାମା ୧୦୦% ସର୍ବସମ୍ମତି ସହ ରାଷ୍ଟ୍ରମୁଖ୍ୟ ମାନଙ୍କ ସମ୍ମିଳନୀର ପ୍ରଥମ ଦିନ ହିଁ ଗୃହୀତ ହେବା, ଭାରତୀୟ କୂଟନୀତି ଓ ମୋଦୀଙ୍କ ବ୍ୟକ୍ତିଗତ ସଫଳତା । ନିରନ୍ତର ସମାବେଶୀ ଅର୍ଥନୀତିକ ବିକାଶ, ପରସ୍ପରର ସାର୍ବଭୌମତ୍ୱକୁ ସ୍ୱୀକୃତି, ଯୁଦ୍ଧ ନୁହେଁ ଶାନ୍ତି ହିଁ ଲକ୍ଷ୍ୟ, ପାରସ୍ପରିକ ବିଶ୍ୱାସ ବୃଦ୍ଧି, ଆତଙ୍କବାଦ ବିରୁଦ୍ଧରେ ମିଳିତ ସଂଗ୍ରାମ ଆଦି ଘୋଷଣାନାମାରେ ସ୍ଥାନ ପାଇବା ଦିଲ୍ଲୀ ଜି-୨୦ ସମ୍ମିଳନୀକୁ ବର୍ତ୍ତମାନ ସୁଦ୍ଧା ସର୍ବଶ୍ରେଷ୍ଠ ଓ ସବୁଠାରୁ ସଫଳ ସମ୍ମିଳନୀର ମର୍ଯ୍ୟାଦା ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ବିଶ୍ୱ ନେତୃବୃନ୍ଦଙ୍କ ଭାରତ ମଣ୍ଡପମର ଯେଉଁ ପୃଷ୍ଠଭୂମିରେ ସ୍ୱାଗତ କରୁଥିଲେ, ତାହାଥିଲା କୋଣାର୍କ ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟ । ଓଡ଼ିଶାର ଡାଲଖାଇ ଏବଂ ସମ୍ବଲପୁରୀ ନୃତ୍ୟରେ ଅତିଥିମାନଙ୍କୁ ବିମାନ ବନ୍ଦରରେ ଅଭ୍ୟର୍ଥନା ଦିଆଯାଇଥିଲା । ଓଡ଼ିଶାର ଅନେକ କଳାକୃତି, ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ଓ ବିକ୍ରୟ ହୋଇଥିଲା । ସମଗ୍ର ଓଡ଼ିଶା ଏହି ଗୌରବକୁ ନେଇ ଆନନ୍ଦିତ ହୋଇଛି । ନୂଆଦିଲ୍ଲୀରେ ଜି-୨୦ର ସଫଳ ଆୟୋଜନ ପ୍ରମାଣ କରିଦେଇଛି ଯେ ଭାରତ ଏବେ ଅଲିମ୍ପିକ୍ସ ଭଳି ବୃହତ ଆନ୍ତର୍ଜାତିକ ଓ ସମ୍ମାନଜନକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସକ୍ଷମ । ଏହାର ବିଜ୍ଞାନ, ପ୍ରଯୁକ୍ତି, ଐତିହ୍ୟ ଓ ସଂସ୍କୃତି ତଥା କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ କ୍ଷମତା ଏବେ ବିଶ୍ୱର ନୂଆ ଆକର୍ଷଣ ପାଲଟିଛି । ବସୁଧୈବ କୁଟୁମ୍ବକମର ବାର୍ତ୍ତାରେ ଯେଉଁ ବିଶ୍ୱ ଜୀବନବୋଧ ଓ ଦର୍ଶନ ରହିଛି, ତାହାକୁ ବିଶ୍ୱବାସୀ ଏବେ ଅନୁଭବ କରୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନର ଅଳ୍ପ କିଛି ମାସର ବ୍ୟବଧାନରେ ଭାରତର ଏଭଳି ମହତ୍ୱପୂର୍ଣ୍ଣ ଶୀର୍ଷ ଆନ୍ତର୍ଜାତିକ ସମ୍ମିଳନୀର ସଫଳ ଆୟୋଜନ କେନ୍ଦ୍ରରେ ଶାସକ ଏନଡିଏ ଦଳର ରାଜନୈତିକ ତଥା ଆବେଗିକ ପ୍ରଭାବକୁ ନିଶ୍ଚିତ ଭାବେ ଏକ ଉଚ୍ଚସ୍ତରକୁ ନେଇ ଯାଇଛି ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ, ଦୂରଭାଷ :*
*୯୪୩୭୦୦୪୪୬୬'*
*ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ସମୟ କଣ ନକରେ ?


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରଧାନ ମନ୍ତ୍ରୀଙ୍କ ଅଣନାତି, ପୁଣି ନାତି, ତାପରେ ପୁଅ, ଏମିତି ଏକ ବ୍ୟକ୍ତିଙ୍କର ସ୍ଥିତି ଏମିତି ଭୋଗ ହୋଇପାରେ କେହି ଭାବି ପାରିବେ ନାହିଁ । ସେ ଭୋଗୁଛନ୍ତି । ଏହା ତାଙ୍କର ଅଦୃଷ୍ଟ ଏହା ନିୟତିର ଖେଳ । ଏହାଙ୍କର ଭାଗ୍ୟ ଲିପି କପାଳ ଲିଖନ । ଶ୍ରୀ ରାହୁଲ ଗାନ୍ଧୀ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଝିଅର ପୁଅ, ଇନ୍ଦିରାଗାନ୍ଧିଙ୍କ ନାତି, ରାଜୀବ ଗାନ୍ଧୀଙ୍କ ପୁଅ କେତେ ଆଟବାଟରେ ସେ ପିଲା କାଳରୁ ସେ ରହି ଆସି ନାହାଁନ୍ତି । ସେ ପୁରୁଷ ପୁରୁଷମାନେ ଆଇନ ପ୍ରଣୟନ କରିଛନ୍ତି ରାଜ କରି ରାଜା ସୃଷ୍ଟି କରିଛନ୍ତି । ତେବେ ଜନତାଙ୍କ ରାୟରେ ପଦକୁ ଆସିଛନ୍ତି ବର୍ତ୍ତମାନ ନେତାଙ୍କ ପରି ହେଲେ ବଂଶାନୁକ୍ରମିକ ରାଜନୀତି ସ୍ତରରେ ସେ ରହିଛନ୍ତି ଏଡି ନାରା ବର୍ତ୍ତମାନ ଖୁବ ଜୋରଦାର ।

କେହି ଶୂନ୍ୟରୁ ଜନ୍ମ ବା ସ୍ୱୟମ୍ଭୁ ନୁହଁନ୍ତି । ତାଙ୍କୁ ଏ ମାଟିକୁ ମାତୃଗର୍ଭ ଆଶ୍ରା କରି ଜନ୍ମ ନେବାକୁ ହେବ । ରାହୁଳ ଗାନ୍ଧୀ ଏମିତି ଜନ୍ମ ତାଙ୍କ ମାଆ ଜଣେ ଇଟାଲିଅ ମହିଳା ହେଲେ ବି ଭାରତ ବର୍ଷର ସ୍ଥାୟୀ ନାଗରିକ ତାଙ୍କ ଗର୍ଭରୁ ୧୯/୦୬/୧୯୭୦ ପ୍ରାତଃ ଘ୫/୫୮ ମିନିଟରେ ଦିଲ୍ଲୀ ନଗରୀରେ ଜନ୍ମ ଏହାକୁ ଚନ୍ଦ୍ରମାନରେ ଧରିଲେ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଶୁକ୍ରବାର ଶୁଭ ଯୋଗ, ମାତ୍ର ବିଷ୍ଟଭଦ୍ରା କରଣ ଶୁକ୍ରର ହୋରା ଶୁକ୍ରର ଦ୍ରେକାଣ । ଜନ୍ମେଷ୍ଟ ଦ୧/୨୬/୨୪ ବିଲିତା, ଏହି ବିଷ୍ଟଭଦ୍ରାର ସ୍ଥିତି, ମର୍ତ୍ତ୍ୟଲୋକ ଭୋକ୍ତା ନଥିଲା । ସୂର୍ଯ୍ୟଲୋକ ଭଦ୍ରା ଯାହା ଉର୍ଦ୍ଧ୍ୱମୁଖି ଭଦ୍ରା । ଏହି ସମୟ ଅନୁସାରେ ଲାହିଡ଼ୀ ଅୟନାଂଶକୁ ଗଣନାରେ ନେଇ କୁଣ୍ଡଳୀ ପ୍ରସ୍ତୁତ କଲେ ସ୍ଥୁଳ କୁଣ୍ଡଳୀ ଏହିପରି ସ୍ଥୁଳ ଜାତକ ଏକ ପ୍ରାଥମିକ ଜ୍ୟୋତିଷ ବିଚାର ସ୍ତରର ଧରାଯାଏ ହେଲେ ଏଥିରୁ ବି ଅନେକ ତଥ୍ୟ ମିଳିଥାଏ । ଅଗ୍ନୀ ସ୍ଥାନ ଜ୍ୟୋତିଷରେ ଲଗ୍ନ ୧ମ କାରଣ ଦୁନିଆଁର ପ୍ରଥମ ନିଆଁ ଅନ୍ତୁଡି ଶାଳରେ ହିଁ ଜନ୍ମ ବେଳେ ଲାଗିଥାଏ । ଶେଷ ନିଆଁ ମୃତ୍ୟୁପରେ ଶ୍ମଶାନରେ ଲାଗେ । ଲଗ୍ନ ଅର୍ଥ ଜନ୍ମସ୍ଥାନ ସମ୍ବନ୍ଧ ସ୍ଥାନ ଯାହା ଆଦ୍ୟ । ଅଗ୍ନୀ ଗ୍ରହ ଏମିତି ଅଛନ୍ତି, ସେମାନେ ରବି, ମଙ୍ଗଳ, କେତୁ, ଅଗ୍ନୀ ରାଶି ଅଛି ମେଷ, ସିଂହ, ଧନୁ । ଏ ଜାତକରେ ଲଗ୍ନ ଅଗ୍ନୀ ସ୍ଥାନରେ ଅଗ୍ନି ଜ୍ୟୋତନ ଗ୍ରହ ଅଛନ୍ତି । ଯେ ପଛର ୩ୟ ରାଶିପତି ମଙ୍ଗଳ ଆଗର ୩ୟ ରାଶିପତି ରବି, ୩ୟୁ ଦଳ ପୌରୁଷ ତେଜ ବିଚାର୍ଯ୍ୟ ଯେ ସର୍ବଦା ଭାଇ ନୁହଁ ଭାୟାଙ୍କୁ ସାଥିରେ ନେଇ ସର୍ବଦା ରହିବେ । ସକାଳୁ ଜନ୍ମ ଯୋଗୁ ରବି ଉଦୟ ପରର ସୂର୍ଯ୍ୟ ମାତୟ ଦ୨ଣ୍ଡ ମଧ୍ୟରେ ୧୩ରୁ ୧୭ ଦଣ୍ଡ ମଧ୍ୟାହ୍ନର ସୂର୍ଯ୍ୟ ହୋଇଥାନ୍ତି । ମଧ୍ୟାହ୍ନ ସୂର୍ଯ୍ୟ ତୀକ୍ଷ୍ଣ କିରଣ ଦିଅନ୍ତି ଏ ପାଇଁ ଜ୍ୟୋତିଷରେ ୧୦ମ ଭାବରେ ସେ ଦିଗବଳୀ । ମଙ୍ଗଳ ଦକ୍ଷିଣ ଦିଗପତି ସେ ଦକ୍ଷିଣ ଦିଗ କହିଲେ ସର୍ବୋଚ୍ଚ ମକର ରାଶି ଯାହା ୧୦ମ ରାଶିରେ ଉଚ୍ଚସ୍ଥାନ ଗତ ହୁଅନ୍ତି ଓ ୧୦ମ ଭାବରେ ଦିଗବଳୀ ହୁଅନ୍ତି ତଥାପି ଦକ୍ଷିଣ ଦିଗକ ବଳୀ ଗ୍ରହ ତାଙ୍କର ଲଗ୍ନରୁ ନହେଲେ ବି ୪ର୍ଥ ଭାବରୁ ଧରିଲେ ୪ର୍ଥରୁ ୧୦ମରେ ଏମାନେ ଅଛନ୍ତି ।

ରବି ମଙ୍ଗଳ ଉଗ୍ର ଗ୍ରହ ବ୍ୟକ୍ତିଙ୍କୁ ନିର୍ଭୀକ ଓ ଉଚ୍ଚବୋଲା କରାଉଛି । ଶିବ ଠାକୁର ନିର୍ଭୀକ ଅଗ୍ନୀ ଲୋଚନଧାରୀ, ଗଳାରେ ମହାବିଷ କାଳକୂଟ ସେ ବିଷଜ୍ୱାଳାରେ ଜର୍ଜରିତ ଏଣେ ଗଳାରେ ସର୍ପ, ସ୍ଥାପନ ଓଜଙ୍ଗ ବିଷୟରେ ସେ ଛଟପଟ ହେବା କଥା ମାତ୍ର ମୁଣ୍ଡରେ ଗଙ୍ଗାବାସକୁ ଚନ୍ଦ୍ରବାସ ସେଥିପାଇଁ ସେ ସର୍ବମାନ୍ୟ ମହାଦେବ ଔଢ଼ରଦାନୀ, ଗୁରୁଙ୍କର ଗୁରୁ । ଏହି ଜାତକରେ ଏମିତି ଉଗ୍ର ଗ୍ରହ ୧୧ଶ ପତି ମଙ୍ଗଳ ଲଗ୍ନରେ ରହି ତାଙ୍କୁ ମୂଲ୍ୟବାନ ବ୍ୟକ୍ତି କରାଉଛି ଏଣେ ୩ୟ ପତି ୩ୟ କାରକ (ରବି, ମଙ୍ଗଳ) ତାଙ୍କୁ ପୋଲିସ ନିରାପତ୍ତା ରଖି ଓ କର୍ମୀ ସର୍ବଦା ଘେରି ରଖୁଛନ୍ତି ମାତ୍ର ଉଗ୍ରତା କମ ପାଇଁ ଲଗ୍ନ ରବି, ମଙ୍ଗଳଙ୍କୁ ପଛରେ ବୁଧ ଆଗରେ ଶୁକ୍ର ଘେରି ରଖିଛନ୍ତି । ଏମାନେ ସୌମ୍ୟ ଶାନ୍ତ ଗ୍ରହ ଯୋଗୁଁ ତାଙ୍କର କଥାକୁ ଭିନ୍ନ ମାର୍ଗରେ ସର୍ବା ନେଇ କ୍ଷମା ଲୋକେ କରିଦିଅନ୍ତି । ଲଗ୍ନପତି ଏକ ଗରମ ଗ୍ରହ ଯେ ବୁଧ ସେ ବାଣୀର କାରକ ୨ୟରୁ ବାଣୀ ବି ବିଚାର କରାଯାଏ । ୧୨ଶ ପତି ଶୁକ୍ର ମିତ୍ରଗୃହୀ ପୁଣି ଅଧିମିତ୍ର ଗୃହୀ ହୋଇ ବି ସ୍ଖଳିତ ବାକ୍ୟ କରାଉଛି ମାତ୍ର ସୌମ୍ୟ ଗ୍ରହ ଯୋଗୁ କାମକୁ ଚଳେଇ ନିଆଯାଉଛି । ଗଣତନ୍ତ୍ର ୪ର୍ଥ ସ୍ତମ୍ଭ ସମ୍ବାଦ ପତ୍ର ମେଡ଼ିଆ ଯେ ଏବେ ସ୍ୱ ଜୀବିକା ପାଇଁ ଧନୀ, ରାଜଶକ୍ତିର ବାହୁକୁ ଆଶ୍ରା କରୁଛନ୍ତି । ପୁଣି ରାଜଭୟ ଏମାନେ ମୁକ୍ତ ନୁହଁନ୍ତି । ତେଣୁ ସତ୍ୟ ଉଦଗାର ପାଇଁ କଥାର ଦ୍ୱିଅର୍ଥ ବା ଅତି ସଂକ୍ଷିପ୍ତ ଭାଷାରେ ଜଟିଳ ଖବରକୁ ବୟାନରେ ରଖନ୍ତି । ରାଜ ବିରୋଧ ଲୋକଙ୍କ ପ୍ରକୃତ ଖବରକୁ ବେଳେ ବେଳେ ଅପଳାପ କରି ଦେଉଛନ୍ତି । ଫଳରେ 'ଖମ୍ବ' ହଲଚଲ ହେଲେ ଘର କେବେ ରହିନପାରେ । ବ୍ୟକ୍ତି ଆସନ୍ତି ଯାଆନ୍ତି ଅନୁଷ୍ଠାନ କି ରହିଥାଏ । ଅନୁଷ୍ଠାନ ବଞ୍ଚିବା ପାଇଁ ଦୀର୍ଘ ଉଦ୍ୟମ ସତ୍ୟ ଚେଷ୍ଟା ନିହାତି ଆବଶ୍ୟକ ।

ରାହୁଲ ବାବୁଙ୍କର ମେଡ଼ିଆ ସହିତ ଏ ସମୟରେ ଭଲ ପଡୁନାହିଁ ହୁ କରି ସ୍ଖଳିତ ବାକ ତାଙ୍କୁ ସମାଲୋଚନାକୁ ନେଇ ଯାଉଛି । ଏକ ଗ୍ରହରୁ ୭ମରେ ଏକ ଏକାଧିକ ଗ୍ରହରୁ ୭ମରେ ପୁଣି ଏକାଧିକ ଗ୍ରହ ରହିଲେ ଲୋକଙ୍କର ବହୁ ଶତ୍ରୁତା ବିରୁଦ୍ଧ ହୁଏ ଏମିତିକି ରାଜଦଣ୍ଡ ବା କାହାରି ବନ୍ଧନରେ ଛପି ରହିବା ହୁଏ । ତାଙ୍କ ଜାତକରେ ଶନି ତା ୭ମରେ ବୃହସ୍ପତି, ରାହୁ ସପ୍ତମରେ ସଦା କେତୁ ରହନ୍ତି । ଏଥିରେ ବି ଏମିତି ଚନ୍ଦ୍ର ୭ମରେ ବୁଧ, ଏପରି ରହିବା ଦେଖାଯାଉଛି । ୪ ମହାଭୂତ, ରାଶିଚକ୍ରରେ ଗୃହାଧିପ ଏମାନେ ରହିଥିବା ମହାଭୂତମାନେ ପରସ୍ପର ନିୟନ୍ତ୍ରକ, ଏଥିରେ ଗ୍ରହ ରହିଲେ ସାଂଘାତିକ ବିସ୍ଫୋରଣ ପରିସ୍ଥିତି ଜୀବନରେ ଆସେ । ବାୟୁ-ଅଗ୍ନୀ, ପୃଥ୍-ଜଳ, ଏମିତି ପରସ୍ପର ୭ମରେ । ଶନି ଅଗ୍ନୀ ରାଶି, ବୃହସ୍ପତି ବାୟୁ ରାଶିରେ ଉଭୟ ଶତ୍ରୁ ରାଶିରେ ଚନ୍ଦ୍ର ନୀଚ ସ୍ଥାନରେ ଗଣ୍ଡ ନକ୍ଷତ୍ରରେ ଜଳରାଶିରେ ରହି ବୁଧ ସହିତ ୭ମ ସମ୍ପର୍କରେ ଏମାନେ ବାପ ପୁଅ ହୋଇ କେହି ସ୍ୱଗୃହୀ ନୁହଁନ୍ତି ପୁଅର ରାଶିରେ ବା ପୁଅର ନକ୍ଷତ୍ରରେ ବାପ ରହିବା ଶୁଭ ନାହିଁ । ଚନ୍ଦ୍ରଙ୍କ ଯୋତ୍ତରୀୟ ବୁଧ ନକ୍ଷତ୍ରରେ ପୁଣି ବୁଧ ଦୃଷ୍ଟ । ବୁଧଚନ୍ଦ୍ର ଘରେ ବା ଚନ୍ଦ୍ର ନକ୍ଷତ୍ରରେ ରହିଲେ ଅସନ୍ତୋଷ ଅପମାନ ଅନୁଭବ କରନ୍ତି । ବୁଧ ରୋହିଣୀରେ ଯେ ଚନ୍ଦ୍ରଙ୍କର ବିଂଶୋତ୍ତରୀ ଅଧିକାର କ୍ଷେତ୍ର । ଏଥିପାଇଁ ତାଙ୍କର ସ୍ୱ କଂଗ୍ରେସ ଦଳରେ ଏହାଙ୍କର ସିଦ୍ଧାନ୍ତ ନେଇ ଅର୍ନ୍ତବିପ୍ଳବ ହେଉଛି । ପ୍ରତି ଗ୍ରହରୁ ୬ଷ୍ଠ ବା ୮ମରେ ଗ୍ରହ ସର୍ବଦା ପରିସ୍ଥିତି ଉପସ୍ଥିତିରେ ବିରୋଧ କରାନ୍ତି । ବୁଧ ବୃହସ୍ପତି ୬ଷ୍ଠ/୮ଷ୍ଟକ ଶନି ଚନ୍ଦ୍ର ୬ଷ୍ଠ/୮ଷ୍ଟକ ରହୁ ଶୁକ୍ର ୬ଷ୍ଠ/୮ଷ୍ଟକ ରବି ମଙ୍ଗଳ ଲଗ୍ନ ଚନ୍ଦ୍ର ସହିତ ଷଡାଷ୍ଟକ ଅତଏବ ବହୁ ବିରୋଧି ମତରେ ତାଙ୍କର ସ୍ୱକୀୟ ମତ ପ୍ରବଳ ବାଧା ପ୍ରାପ୍ତ ପଦବୀ ପାଇବାରେ ଅନ୍ୟମାନଙ୍କର ଅସୂୟା ଆସିବ । ପରାଶରୀୟ ବିଂଶୋତ୍ତରୀୟ ଦଶାରେ ବର୍ତ୍ତମାନ ମଙ୍ଗଳ ଦଶା ଚାଲିଛି ୨୦୧୭-୨୦୨୪ ଅସ୍ତ ମଙ୍ଗଳ ଲଗ୍ନପତିର ଶତ୍ରୁଗୃହ ୪ର୍ଥ ପତିର ଶତ୍ରୁଗ୍ରହ ଏପରିକି ୫ମ ପତି ଶତ୍ରୁଗ୍ରହ ମଙ୍ଗଳ ତାଙ୍କର କାର୍ଯ୍ୟକାରୀ ଶକ୍ତିକୁ କାର୍ଯ୍ୟ କରାଇ ପାରୁନାହିଁ । ଏଦଶାର ଅତି ଉତ୍କଟ କାଳ ଦଶା ଶେଷ କାଳ ଏହା ଦଣ୍ଡ ଅପମାନ ଶରୀର କଷ୍ଟ କାଳ । ତାଙ୍କର ଖାଇପିଇ ରହିବା ପାଇଁ କିଛି ଅସୁବିଧା ନାହିଁ ହେଲେ ପରାଶରୀୟ ଭାତୃ କାରକ ଗ୍ରହ ଓ ଜୈମିନୀ ଭାତୃ କାରକ ଗ୍ରହ ମଙ୍ଗଳର ଦଶା ଗ୍ରହଟି ଅସ୍ତ ଯୋଗୁ ସେ ଦଳ ପାଇଁ ଦଳକୁ ପ୍ରତିଷ୍ଠା ବ୍ୟାପକ କରିବା ପାଇଁ ବ୍ୟସ୍ତ ରହୁଛନ୍ତି ଯାହା ତାଙ୍କୁ କଷ୍ଟ ମଧ୍ୟରେ ଯିବାକୁ ହିଁ ଏ ସମୟରେ ହେବ ।

ମିଥୁନ ଲଗ୍ନକୁ ଯୋଗକାରୀ ମଙ୍ଗଳ ନୁହଁନ୍ତି, ରାହୁ ଯୋଗକାରୀ ରାହୁ ବିଂଶୋତ୍ତରୀ ସ୍ୱ ନକ୍ଷତ୍ର ଶତଭିଷା-୨୪ ନକ୍ଷତ୍ରରେ ବଳିବନି କୁମ୍ଭ ରାଶିରେ ରାହୁଦଶା ଶୁଭପ୍ରଦ ତାଙ୍କ ପାଇଁ ହୋଇପାରେ । ତାଙ୍କ ଜାତକରେ ୫ମ ଭାବରେ ୧୦ମ ପତି ଅଛନ୍ତି ରାହୁ ଦଶା ବୃହସ୍ପତି ଅନ୍ତର ଦଶା ଯାହା ଆଉ ୩/୪ ବର୍ଷ ପରେ ଆସିବ । ସ୍ଥୁଳ ଜାତକରୁ ସୂକ୍ଷ୍ମ ଜାତକ ଅନେକ କରାଯାଏ । ଏମଧ୍ୟରେ ପଞ୍ଚମାଂଶ କୁଣ୍ଡଳୀ ମଧ୍ୟରୁ '୧' ଏଥିରେ ବର୍ଗୋତ୍ତମ ଥିବା ଗ୍ରହ ରାଜଯୋଗ ପ୍ରଦ କରାଯାଏ ଯାହା ଚକ୍ରବର୍ତ୍ତୀ ରାଜଯୋଗ ଏହାର ପ୍ରମାଣ ଜ୍ୟୋତିଷ ଶାସ୍ତ୍ରରେ ସ୍ପଷ୍ଟ ଭାବରେ ଲେଖା ଅଛି । ହେଲେ ରକ୍ତପାତ ପ୍ରବଳ ଶତୃତା ୬ଷ୍ଠ ଓ ୬ଷ୍ଠର ପତି ଦଶାରେ ଶେଷ ଆଡ଼କୁ କରାଏ ପୁଣି ରାହୁ ଦଶା ଆରମ୍ଭ କରାଏ ଏହା ତାଙ୍କୁ ନାନାଦି ଝିନଝଟରେ ପକାଇବ । ପ୍ରଭୁ କଲେ ଏ ଆଗାମୀ ନିର୍ବାଚନ ପର ପର ସମୟ ତାଙ୍କର ଭଲ ହୋଇପାରିବ । ମାତ୍ର ଏ ସମୟ ସାଂଘାତିକ କଷ୍ଟର ସେ ସମ୍ମୁଖୀନ ହେବେ । ଏ କାଳର କଥା ଯାହା ଦୈବଜ୍ଞ ଦେଖୁଛି । ସର୍ବଜ୍ଞ ଭଗବାନ ଆଉ କିଛି ଦେଖନ୍ତି କାର୍ଯ୍ୟରେ ପରିଣତ କରନ୍ତି । ସେହି ସର୍ବଜ୍ଞାତଙ୍କର ଶରଣାପନ୍ନ ଭିନ୍ନ ଅନ୍ୟ ପଥ ନାହିଁ । ସର୍ବଜ୍ଞାତଙ୍କୁ ଛଳନା ବା ସ୍ୱକାର୍ଯ୍ୟ ହାସଲ ପାଇଁ ଶରଣାପନ୍ନ ହେବା ଠିକ ନୁହଁ । ଯେ କରିବ ତାର ଓଲଟ ଫଳ ସେ ପାଇବ ସମ୍ଭବନା ରହିଛି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*




# ରାଜ୍ୟ ସ୍ତରୀୟ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ):ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକ ଙ୍କ ଜନ୍ମ ଜୟନ୍ତୀ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବହୁ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ବରେଣ୍ୟ ଅତିଥି ଭାବେ ବଡ଼ମ୍ବା ନରସିଂହପୁରର ଲୋକପ୍ରିୟ ବିଧାୟକ ଶ୍ରୀ ଦେବୀପ୍ରସାଦ ମିଶ୍ର ଯୋଗ ଦେଇ ନିଜର ଉଦବୋଧନରେ କବି ବୈକୁଣ୍ଠନାଥ ପଟ୍ଟନାୟକ ଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଲିଖିତ ଅନେକ କବିତା ଓ ପ୍ରବନ୍ଧ ଆଦି କୁ ମନେ ପକାଇବା ସହ ସ୍ୱାଧୀନତା ସଂଗ୍ରାମୀ ହିସାବରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏହି



ପରିପ୍ରେକ୍ଷୀରେ ବଡ଼ମ୍ବା ବ୍ଲକର ଅଧ୍ୟକ୍ଷ ଶ୍ରୀ ରଘୁପତି ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ, କଟକ ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସରପଞ୍ଚ ଶ୍ରୀ ଆଲୋକ ସାହୁ, କମଳଲୋଚ଼ନ ସଂଗ୍ରାମ ସିଂହ,ଯୁବ ସମାଜସେବୀ ସଞ୍ଜୟ ସ୍ୱାଇଁ, ସରୋଜ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ସାମ୍ବାଦିକ ତଥା ବଡ଼ମ୍ବା ପୂଜ୍ୟପୂଜା କମିଟିର ସମ୍ପାଦକ ଅମରେଶ ରଥ, ସାମ୍ବାଦିକ ଗିରିଜା ମିଶ୍ର, ଦ୍ୱିଜରାଜ ବେହେରା,ପ୍ରଦିପ ମହାପାତ୍ର, କୃପା ନିଧି ବିଶ୍ୱାଳ,ଆଇନଜୀବୀ ପ୍ରସନ୍ନ କୁମାର ମଲ୍ଲିକ, ସନ୍ତୋଷ କୁମାର ବେହେରା ଙ୍କ ସହିତ ପୂଜ୍ୟପୂଜା କମିଟିର ସମସ୍ତ ସଦସ୍ୟ ତଥା ବଡ଼ମ୍ବା ର ଅନେକ ସମାଜସେବୀ ଓ ସାହିତ୍ୟ ପ୍ରେମୀ ମାନେ ଯୋଗ ଦେଇ କବିଙ୍କ ସ୍ମୃତି ଚ଼ାରଣ କରିଥିଲେ । ପରିଶେଷରେ ବଡ଼ମ୍ବାବାସୀଙ୍କ ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ ଓଡିଶା ସାହିତ୍ୟ ଏକାଡେମୀ ର ସମସ୍ତ ସଦସ୍ୟ ମାନଙ୍କ ସହିତ ଉପସ୍ଥିତ ସମସ୍ତଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଦେଇଥିଲେ ।

## ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଜଣେ ଉତ୍ତମ ସହପାଠୀ ନାମକ କର୍ମଶାଳା ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଞ୍ଚାୟତ ର ଓରିଙ୍ଗି ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ପଢୁଥିବା ପିଲାମାନଙ୍କର ଅଭିଭାବକ ମାନଙ୍କୁ ନେଇ ମାଲକାନଗିରି ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଶିକ୍ଷା ଅଧିକାରୀ ହୃଷିକେଶ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ରାସବେଡା ସରପଞ୍ଚ ପ୍ରମିଳା ଗୁଛା,ନାଏବ ସରପଞ୍ଚ ଇଶ୍ୱର ମୁଦୁଲି ଓ ସମାଜସେବୀ ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ସମସ୍ତ ମଞ୍ଚାସିନ ଅତିଥି ମାନେ ଜଗତର ନାଥ ଜଗନ୍ନାଥ ତୈଳ ଚିତ୍ର ରେ ପୁଷ୍ପ ଅର୍ପଣ ପୁର୍ବକ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ôକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ
ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚ଼ଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଟସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,
ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚ଼ଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ôକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ôକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ମାଲପଡା ନାଗରିକ କମିଟିର ସଭା

ବଲାଙ୍ଗୀର, (ପି.ଏନ): ବଲାଙ୍ଗିର ମାଲପଡା ଠାରେ ନାଗରିକ କମିଟିର ୧୭୫ତମ ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ ପଡାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷତଃ ମାଲପଡାର ରାସ୍ତା ଓ ଡ୍ରେନ ଗୁଡିକର ଅବସ୍ଥା ଖରାପ ହୋଇଥିବାରୁ ନୂତନ ପିଚୁ ରାସ୍ତା କରିବା ଓ ଡ୍ରେନ ପ୍ରହରୀ ଛକ ଠାରୁ ପଶ୍ଚିମ ଦିଗକୁ ସିମେଣ୍ଟ କରିବା ପାଇଁ ପ୍ରସ୍ତାବମାନ ହୋଇଥିଲା । ଯେତେ ଥର ମ୍ୟୁନିସିପାଲିଟି କୁ ପ୍ରସ୍ତାବ ଦେଲେ ମଧ ସେମାନେ କର୍ଣ୍ଣପାତ କରୁନାହାନ୍ତି । ମଶା, ମାଛି ପ୍ରଦ୍ୟୁଭାବ ବଢୁଥିବାରୁ ଲୋକ ଜର ତପରେ ଆକ୍ରାନ୍ତ ହେଉଛନ୍ତି । ପାନୀୟ ଜଳ ପ୍ରଚୁଣ ପରିମାଣରେ ଆସୁ ନ ଥିବାରୁ ଲୋକ ବହୁତ କଷ୍ଟ ଅନୁଭବ କରୁଛନ୍ତି । ମାଲପଡା ସ୍କୁଲ ପ୍ରାଙ୍ଗଣର ଅବସ୍ଥା ନ ଦେଖିଲେ ଆପଣମାନେ ଜାଣି ପାରିବେ ନାହିଁ ।




# ଭାରତ ଯୋଡ଼ୋ-ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭାରତ ଯୋଡ଼ୋ- ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି କର୍ମକର୍ତା, ପୂର୍ବତନ ଏଆଇସିସି କର୍ମକର୍ତା, ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ ସଭାପତି, ଜିଲ୍ଲା ସଂଯୋଜକ, ରାଜ୍ୟ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଜୟରାମ ରମେଶ ଭାରତ ଯୋଡ଼ୋ ଯାତ୍ରା ସଂପର୍କରେ ସୂଚନା ଦେଇଥିଲେ। ଭାରତ ଯୋଡ଼ୋ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ବିଜେପି, ଆରଏସଏସ ଏବଂ ମୋଦି ଭାରତକୁ ବିଭାଜିତ କରିବା ଷଡ଼ଯନ୍ତ୍ର କରୁଛନ୍ତି। ଦେଶରେ ଘୃଣା, ହିଂସା, ଆଂଚଳିକ ବାଦ, ଜାତି, ଧର୍ମ, ଖାଦ୍ୟ ଓ ପୋଷାକର ଭେଦ ସୃଷ୍ଟି କରି ନିର୍ବାଚନୀ ଫାଇଦା ପାଇଁ ଭାରତକୁ ଖଣ୍ଡ ଖଣ୍ଡ କରିବାପାଇଁ ଗୈରିକ ଦଳ ଉଦ୍ୟମ କରୁଛି। ଦେଶରେ ଦାରିଦ୍ର୍ୟ, କ୍ଷୁଧା, ଗରିବି ଓ ଦରଦମା ବୃଦ୍ଧିର ପରିସ୍ଥିତି ଅଣାୟତ ହୋଇପଡ଼ିଛି। ଦେଶର ସଂପତିକୁ ମୋଦି ତାଙ୍କର ବନ୍ଧୁ ପୁଂଜିପତି ହାତରେ ଟେକି ଦେଉଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଆଜି ଦୁର୍ବଳ ହୋଇପଡ଼ିଛି। ସରକାରୀ କଳର ଅପବ୍ୟବହାର ହେଉଛି, ସେଥିପାଇଁ ଦେଶ ଭାଙ୍ଗିତୁଟି ଯାଉଥିଲା ବେଳେ ଦେଶବାସୀଙ୍କୁ ସାଥିରେ ଧରି ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରାରେ ଆଗେଇ ଚାଲିଛନ୍ତି। ଏହି ଯାତ୍ରାକୁ ସବୁବର୍ଗର ଲୋକ ସମର୍ଥନ ଦେଉଥିଲା ବେଳେ ବିଜେପି ଆରଏସଏସ୍ ଏବଂ ମୋଦିବାଦୀମାନେ ଅସହିଷ୍ଣୁ ହୋଇପଡ଼ି ରାହୁଲ ଗାନ୍ଧୀଙ୍କ ଉପରେ ବିଭିନ୍ନ ଟିପ୍ପଣି ଦେଉଛନ୍ତି। ଭାରତ ଯୋଡ଼ୋ ପଦଯାତ୍ରାକୁ ଓଡ଼ିଶାରେ ଆଗେଇ ନେବାପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କ ଯୋଜନା ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ଯାତ୍ରା ରାଜ୍ୟର ୨୬ଟି ଜିଲ୍ଲାର ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତମ ସ୍ୱାସ୍ଥ୍ୟ ଯୋଗାଇ ଦେବା, କୃଷିଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁ କିଛି କରିବାର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି। କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦିରେ ରାଜ୍ୟ ଚରମ ସୀମାରେ ପହଂଚିଲାଣି। ଠିକ୍ ସେହିଭଳି ଭାବରେ ୮ ବର୍ଷ ଭିତରେ ମୋଦି ସରକାର ଭାରତବାସୀଙ୍କୁ ଯେତେସବୁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ପ୍ରତିଶ୍ରୁତିକୁ ପାଳନ କରିବାରେ ସମର୍ଥ ହୋଇନାହାନ୍ତି। ୨ କୋଟି ଚାକିରି, ୧୫ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ, କଳାଧନ ଫେରାଇ ଆଣିବା କଥା ଏକ ଭେଳିକିରେ ପରିଣତ ହୋଇଛି। ଦରଦାମ ବୃଦ୍ଧିରେ ଆଜି ସାରାଦେଶ ହନ୍ତସନ୍ତ। ଏହି ପଦଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ପଂଚାୟତ ସଂଯୋଜକ, ବୁଥ ସଂଯୋଜକ, ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନମାନଙ୍କର ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପଦଯାତ୍ରା ସମୟରେ ପଂଚାୟତ ସ୍ତରରୁ ସାଧାରଣ ଜନତା ଆସି କିପରି ଏହି ଯାତ୍ରାରେ ଯୋଡ଼ିହେବେ ତାର ଯୋଜନା ପ୍ରସ୍ତୁତ ହୋଇଛି। ପଦଯାତ୍ରା ସମୟରେ ବ୍ୟାପକ ପରିମାଣରେ ପ୍ରଚାରପତ୍ର ଜନସଚେତନା ପାଇଁ ବଂଟନ କରାଯିବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ପଦଯାତ୍ରା ସମୟରେ ସେ ଅଂଚଳର ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଉପସ୍ଥିତ ରହି ବିଭିନ୍ନ ପଦାଧିକାରୀମାନଙ୍କର ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଆରଓ ନିରୋଜ ଡାଙ୍ଗି, ଏଆଇସିସି ସଂପାଦକ ରୁଦ୍ର ରାଜୁ, ଶ୍ରୀ ନିରଂଜନ ପଟ୍ଟନାୟକ, ଶ୍ରୀ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ସୁଶ୍ରୀ ସୁଶିଳା ତିରିଆ, ଡା. ରାମଚନ୍ଦ୍ର ଖୁଂଟିଆ, ଶ୍ରୀ ଶରତ ରାଉତ, ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ତାରାପ୍ରସାଦ ବାହିନୀପତି, ଶ୍ରୀ ସନ୍ତୋଷ ସିଂ ସାଲୁଜା, ଶ୍ରୀ ରମେଶ ଜେନା, ଶ୍ରୀ ରାଜନ ଏକା, ଶ୍ରୀ ଭୁଜବଳ ମାଝୀ, ଶ୍ରୀ ସୁରେଶ କୁମାର ମହାପାତ୍ର, ଶ୍ରୀ ଗଣେଶ୍ୱର ବେହେରା, ଶ୍ରୀ ରବିନ୍ଦ୍ର କୁମାର ସେଠୀ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ମନୋରଂଜନ ଦାଶ, ମାନସ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, ନବଜ୍ୟୋତି ପଟ୍ଟନାୟକ, ଅଭିଷେକ ମହାନନ୍ଦ, ଉମାବଲ୍ଲଭ ରଥ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତିରଂଜନ ଲେଙ୍କା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମନୋଜ ରାଉତ, ସୁବ୍ରତ ମହାପାତ୍ର, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାଣୀ ଟାଉନ୍ ଥାନା ପୋଲିସ ଦ୍ୱାରା ଚୋରି ହୋଇଥିବା ନଗଦ ଟଙ୍କା ସହ ସାମଗ୍ରୀ ଜବତ, ୧ ଗିରଫ

କନ୍ଧମାଳ,(ପି.ଏନ): ଫୁଲବାଣୀ ବ୍ଲକ ଛକ ନିକଟସ୍ଥ ମା ବରାଳଦେବୀ ଷ୍ଟୋରରୁ ଗତ ମାସ ବୁଧବାର ୩୦ ଅଗଷ୍ଟ ରାତିରେ ଦୁଇ ଲକ୍ଷରୁ ଉର୍ଦ୍ଧ ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣାରେ ଫୁଲବାଣୀ ଟାଉନ ଥାନା ପୋଲିସ ଅଭିଯୁକ୍ତକୁ ଗିରଫ୍ କରିଛି। ଏହି ଚୋରି ଘଟଣାରେ ଦୁଇ ଅଭିଯୁକ୍ତ ମଧ୍ୟରୁ ଜଣକୁ ଗିରଫ କରିବା ସହ ତା ନିକଟ ରୁ ନଗଦ ଚାଳିଶ ହଜାର ଟଙ୍କା ଜବତ କରିଛି ଟାଉନ ଥାନା ପୋଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମର ରାଜା ରାମ ସ୍ୱାଇଁ ଓରଫ ରାଜା। ଅନ୍ୟ ଜଣେ ଅଭିଯୁକ୍ତ କୁ ପୋଲିସ ଖୋଜୁଛି।ସୂଚନା ପ୍ରକାରେ ଦୋକାନ ମାଲିକ ତ୍ରିଲୋଚନ ମହାପାତ୍ର ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କଲାପରେ ପୋଲିସ ଏହି ସଂକ୍ରାନ୍ତରେ ଏକ ମାମଲା ୨୨୩/ ୨୦୨୩ ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ଅଭିଯୁକ୍ତ ଉପରେ ନଜ଼ର ରଖିଥିଲା। ଏହି ଘଟଣାରେ ପୋଲିସ ସିସିଟିଭି ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ଜଣକୁ ଅଟକ ରଖି ପଚାର ଉଚରା କରି ତଥ୍ୟ ସଂଗ୍ରହ। ଦୋକାନରେ କାମ କରୁଥିବା ରାଜା ସ୍ୱାଇଁ ଓ ତାର ଅନ୍ୟ ଜଣେ ସହଯୋଗୀ ମିଶି ସ୍କାଇଲାଇଟ ଭାଙ୍ଗି ଭିତରେ ପଶି ଚୋରି କରିଥିବା ଜଣାପଡ଼ିଛି। ପୋଲିସ ଏକ ଟିମ କରି ଅଭିଯୁକ୍ତକୁ ଗୋଡ଼ାଇ ଗୋଡ଼ାଇ ଗଣିଆ ରେ ପହଂଚି ଅନ୍ୟ ଅଭିଯୁକ୍ତ ମାନ ଙ୍କୁ ଠାବ କରିଥିଲା। ଉକ୍ତ ଦିନ ଅଭିଯୁକ୍ତ ଜଙ୍ଗଲ ଭିତରକୁ ପଳାଇ ଫେରାର ହୋଇଯାଇ ଥିଲା। ଆଜି ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ନେଇ ଫୁଲବାଣୀ ଟାଉନ୍ ଥାନା ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି ।

# ୩ ଦିବ୍ୟାଙ୍ଗଙ୍କୁ ସହାୟତାର ହାତ ବଢ଼ାଇ ଚର୍ଚ୍ଚାରେ ଉପଜିଲ୍ଲାପାଳ

ଖୋର୍ଦ୍ଧା,(ପି.ଏନ): ତିନି ଦିବ୍ୟାଙ୍ଗ ରାଜରାସ୍ତାରେ ଭିକ୍ଷା ବୃତ୍ତି କରୁଥିବା ଦେଖି ସେମାନଙ୍କୁ ସହାୟତାର ହାତ ବଢ଼ାଇ ଏବେ ଚର୍ଚ୍ଚାରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ।ଉପଜିଲ୍ଲାପାଳ ଶ୍ରୀ ସେଠୀ କୌଣସି କାମରେ ଭୁବନେଶ୍ୱର ଯାଉଥିବା ସମୟରେ ମୁକୁନ୍ଦପ୍ରସାଦ ରାସ୍ତାରେ ତିନି ଜଣ ଦିବ୍ୟାଙ୍ଗ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଡରେ ଭିକ୍ଷା ମାଗୁଥିବର ଦୃଶ୍ୟ ଦେଖିଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗଙ୍କ ଦୁଇ ଗୋଟି ଗୋଡ଼ ନଥିବାରୁ ସେ ରୋଡରେ ଗଡି ଗଡି ଭିକ୍ଷା ମାଗୁଥିଲେ ।ଏପରିକି ସାଙ୍ଗରେ ଥିବା ଅନ୍ୟ ଦୁଇ ଦିବ୍ୟାଙ୍ଗଙ୍କ ଗୋଟିଏ ଲେଖାଏଁ ଗୋଡ଼ ଥିଲା। ହେଲେ ହୁଇଲ ଚେୟାରରେ ଜଣେ ଦିବ୍ୟାଙ୍ଗ ବସିଥିବା ବେଳେ ଅନ୍ୟ ଜଣେ ଦିବ୍ୟାଙ୍ଗ ଟାଣ ଖରାରେ ହୁଇଲ ଚେୟାରକୁ ଠେଲି ଠେଲି ନେଉଥିଲେ। ସେମାନେ ରାଜ୍ୟ ବାହାରର ହୋଇଥିବା ଜଣାପଡିଥିଲା।ଏଭଳି ଦୃଶ୍ୟ ଦେଖି ଉପ ଜିଲ୍ଲାପାଳ ନିଜ ଗାଡ଼ିରୁ ଓହ୍ଲାଇ ସେମାନଙ୍କ ପାଖକୁ ଯାଇଥିଲେ ।ଏମାନଙ୍କ ସହ କଥା ହେବା ପରେ ସମସ୍ତ ତିନି ଦିବ୍ୟାଙ୍ଗଙ୍କୁ ଗୁରୁଜଙ୍ଗସ୍ଥିତ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ସମସ୍ତ ଦିବ୍ୟାଙ୍ଗ ମାନଙ୍କର କୃତିମ ଗୋଡ଼ ଲଗାଯାଇଥିଲା। ଏପରିକି ଉପଜିଲ୍ଲାପାଳ ଶ୍ରୀ ସେଠୀ ବ୍ୟକ୍ତିଗତ ଭାବେ ସେମାନଙ୍କ ଅନ୍ୟ ସୁବିଧା କରାଇ ଥିବା ଜଣାପଡିଛି।

## ପଂଜିକୃତ କୁକୁଡା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ପଶୁ ଚିକିତ୍ସାଳୟ ପକ୍ଷରୁ ଚଳିତ ବର୍ଷ କୁକୁଡା ଚାଷ ପାଇଁ ୪୦ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଗତ ଶନିବାର ଦିନ ସେମାନଙ୍କ ମଧ୍ୟରୁ ୨୩ଜଣ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଧର୍ମଶାଳା ପଶୁ ଚିକିତ୍ସାଳୟ ପରିସରରେ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ପଶୁ ଚିକିତ୍ସାଧିକାରୀ ଡା. ରଂଜନ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । କୁକୁଡା ଚାଷ ମାଧ୍ୟମରେ ବେକାର ଯୁବକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ ପ୍ଲାନ ସ୍କିମରେ ୪୦ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ଦଫାରେ ଚିହ୍ନଟ ୨୩ ଜଣ ଚାଷୀଙ୍କୁ ତାଲିମ ଦିଆଯାଇ ୫ଶହ କୁକୁଡା ଚାଷ ପାଇଁ ଜଣକା ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ଆକାରରେ ପ୍ରଦାନ କରାଯିବ । ଏହି ଋଣ ପରିମାଣରେ ଚାଷୀମାନଙ୍କ ପାଇଁ ୪୦ ଭାଗ ବା ୭୨ ହଜାର ଟଙ୍କା ସବସିଡି ରହିଛି। ପ୍ରମାଣ ପତ୍ର ନେଇଥିବା ଚାଷୀମାନେ ହେଲେ କୋତପୁରର ହରିହର ସାମଲ, ବିଷ୍ଣୁ ଚରଣ ସାମଲ, ଅରାବଳର ଉତ୍କଳ କେଶରୀ ସାମଲ, ଇମାମନଗରର ଅନ୍ତର୍ଯ୍ୟାମି ପାଳ, ବୃନ୍ଦାଦେଇପୁରର ପ୍ରମୋଦ କୁମାର ବସ୍ତିଆ ଓ ସମ୍ପାରୁ ଗ୍ରାମର ଲଲାଟେନ୍ଦୁ ଖୁଂଟିଆ ପ୍ରମୁଖ ଚାଷୀ ରହିଛନ୍ତି। କୁକୁଡା ଚାଷୀ ଚିହ୍ନଟ ପ୍ରକ୍ରିୟାରେ ଅତିରିକ୍ତ ପଶୁ ଡାକ୍ତର ସୁବାସ ଚନ୍ଦ୍ର ଜେନା, ଡା. ଦୀପ୍ତିମୟୀ ସାହୁ ପ୍ରମୁଖ ସହାୟତା କରିଥିଲେ। ଧର୍ମଶାଳା ବିଧାୟକ ଶ୍ରୀ ବଳବନ୍ତରାୟ ଆଶାବ୍ୟକ୍ତ କରିଛନ୍ତି ଯେ କୁକୁଡା ଚାଷୀମାନେ ଋଣକୁ ଠିକ ଭାବେ ବ୍ୟବହାର କଲେ ସେମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସଠିକ ବିନି ଯୋଗ କରିବେ ବୋଲି ପରାମର୍ଶ ଦେଇଥିଲେ।

# ଆରୁହା କଳାପଥର ଖାଦାନରେ ଅର୍ଥନୈତିକ ଅପରାଧ ଶାଖାର ତଦନ୍ତ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ହୋଇଥିବା କୋଟି କୋଟି କୋଟି ଟଙ୍କାର ଦୁର୍ନିତିର ତଦନ୍ତ ପାଇଁ ଗତକାଲି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ କରାଯାଇଛି । ସୂଚନାଯୋଗ୍ୟ ଯେ ଆରୁହା କଳାପଥର ଖାଦାନର ୩ ଏକର ଅଂଚଳକୁ ଆରୁହା ଅଂଚଳର ତ୍ରିନାଥ ଜେନା ୧୪/୧୨/୨୦୧୭ ମସିହାରେ ୫ ବର୍ଷ ପାଇଁ ଲିଜ ନେଇଥିଲେ । ମାତ୍ର ଲିଜଧାରୀ ଶ୍ରୀ ଜେନା ତିନି ଏକରରୁ ଉର୍ଦ୍ଧ ଅଂଚଳରୁ ବ୍ୟାପକ ଖନନ କରି କଳାପଥର ଲୁଟ କରିନେଇଥିବା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧର କରି ଲୋକାୟୁକ୍ତ ୩୫୫/ ୨୦ରେ ଏକ କେଶ ରୁଜୁ କରିଥିଲେ। ଏହି ମାମଲାରେ ଏକ ମିଳିତ ତଦନ୍ତ କରିବାକୁ ଲୋକାୟୁକ୍ତ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ ରାଜସ୍ୱ ଅକ୍ଷୟ କୁମାର ମଲିକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଏକ ଟିମ ଆସି ସରଜମିନ ତଦନ୍ତ କରିଥିଲେ । ତଦନ୍ତରୁ ଲିଜ ଅଂଚଳ ବାହାରୁ ବ୍ୟାପକ କଳାପଥର ଲୁଟ ହୋଇଥିବା ଜଣାପଡିଥିଲା। ଏହି ବାବଦକୁ ଲିଜଧାରୀ ଉପରେ ପାଖାପାଖି ୨୫ କୋଟି ଟଙ୍କାର ଜୋରିମାନା କରିଥିଲେ । ଏଥିରେ ଲିଜଧାରୀ ସମେତ ତତ୍କାଳିନ ଆରଆଇ, ତହସିଲଦାର ଓ ପୁଲିସ ସହଯୋଗରେ ଏହି ଲୁଟ ହୋଇଥିବା ନେଇ ଜଣାପଡିବା ପରେ ଏହାର ତଦନ୍ତ ପାଇଁ ଲୋକାୟୁକ୍ତ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ମୁତାବକ ଗତକାଲି ଇଓଡବ୍ଲୁଡି ଏସପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ପରିବେଶ ବିଭାଗ, ଖଣିଜ ବିଭାଗ, ଜିଓଲୋଜି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମାପଚୁପ କରିଥିଲେ। ଏହି ତଦନ୍ତ ସମୟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଆରୁହା ଆରଆଇ ମନୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି



ଖୋର୍ଦ୍ଧା (ପିଏନ୍): 'ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ନବ ଉନ୍ମେଷ-୧୮୧୭ ପାଇକ ବିଦ୍ରୋହ' ଶୀର୍ଷକ ଆଲୋଚନାଚକ୍ର କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସତକୁ ଲୋକଲୋଚନକୁ ଆଣିବା, ବିଭ୍ରାନ୍ତିକୁ ରୋକିବା ବୋଲି ସୂଚନା ଦେଇଥିଲେ। ବକ୍ସି ଜଗବନ୍ଧୁ ସ୍ମାରକ ମଂଚର ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି କହିଥିଲେ ଯେ, ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନିଜ ଗ୍ରାମ ରୋଡଙ୍ଗରୁ ବିଦ୍ରୋହର ସୂତ୍ରପାତ ହୋଇ ବିଭିନ୍ନ ଅଂଚଳକୁ ବ୍ୟାପିଥିଲା। ୧୮୧୭ ପାଇକ ବିଦ୍ରୋହକୁ ନେଇ ଇତିହାସ ଅତ୍ୟନ୍ତ ସ୍ୱଷ୍ଟ ଥିଲେ ମଧ୍ୟ ଏ ନେଇ ସୃଷ୍ଟିକରାଯାଉଥିବା ବିଭିନ୍ନ କପୋଳକଳ୍ପିତ ଘଟଣାଗୁଡ଼ିକ ଆମ ଓଡ଼ିଆ ଏକତାର ପରିପନ୍ଥୀ। ଏ ନେଇ ଐତିହାସିକ, ବୁଦ୍ଧିଜୀବୀ, ପାଇକ ସମୁଦାୟ ଏକତ୍ର ହେବାକୁ ସେ ଆହ୍ୱାନ ଦେଇଥିଲେ। ନିରାକାରପୁର କ୍ଷେତ୍ରବାସୀ କେ.ବି.ଡି.ଏ.ଭି. କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ପ୍ରତିଭାମୟୀ ମିତ୍ର ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ଓଡ଼ିଆ ପାଇକ କୌଣସି ଗୁଣରେ ଇଂରେଜ ସୈନ୍ୟଙ୍କ ଠାରୁ କମ୍ ନ ଥିଲେ। ପାଇକଙ୍କ ସମେତ ରୟତ, ଜମିଦାର, ରାଜା ସମସ୍ତେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଥିଲେ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଂଟର ପ୍ରଫେସର ଡ. ରବିନାରାୟଣ ସୁବୁଦ୍ଧି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଏକଦା ଗଂଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଆମର ଭୂଖଣ୍ଡ ପରିବ୍ୟାପ୍ତ ଥିଲା। ତେବେ ଏତେବଡ଼ ସାମ୍ରାଜ୍ୟ ଭୁଷୁଡ଼ିପଡ଼ିବା ପଛର କାରଣ ଥିଲା ଆକ୍ରମଣକାରୀମାନେ ସୁସଂଗଠିତ ଥିଲେ। ଏଥିସହ ଗୃହଶତ୍ରୁମାନେ ସେମାନଙ୍କୁ ସହଯୋଗ କଲେ, ଯାହାଫଳରେ ଧୀରେ ଧୀରେ ଆମେ ପରାଧୀନତା ଆଡ଼କୁ ଠେଲିହେଇଗଲୁ। ତେବେ ୧୮୧୭ ପାଇକ ବିଦ୍ରୋହ ଏଭଳି ଏକ ନିଆଁ ଥିଲା, ଯାହା ଏ ଦେଶର ସ୍ୱାଧୀନତା ପାଇଁ ବଳ ଯୋଗାଇଥିଲା। ଉତ୍ସବର ଅନ୍ୟତମ ଆଲୋଚକ ବାଇକଂଟିଆର କାର୍ଯ୍ୟକାରୀ ସମ୍ପାଦକ ତଥା ଗବେଷକ ମଦନମୋହନ ମହାପାତ୍ର ମତ ଦେଇଥିଲେ ଯେ, ଇଂରେଜମାନେ ଆମ ଅର୍ଥନୀତିକୁ ତଳିତଳାନ୍ତ କରିଦେଇଥିଲେ। ତେବେ ବକ୍ସି ଜଗବନ୍ଧୁଙ୍କ ଗରିଲା ଲଢେଇ ତଥା କୂଟନୀତି ଇଂରେଜମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ପାଇକବାହିନୀ ପକ୍ଷରୁ ଏଭଳି ରଣକୌଶଳରେ ସେମାନେ ଅପ୍ରସ୍ତୁତ ହୋଇପଡ଼ିଥିଲେ। ଉତ୍କଳ ବିକାଶ ପରିଷଦର ସଚିବ ଇଂ ଋଷି ଗୁମାନସିଂହ ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ୧୮୧୮ରେ ଖୋର୍ଦ୍ଧା, କଟକ, ବାଲେଶ୍ୱରରେ ପାଇକମାନଙ୍କୁ ନେଇ ଓଡ଼ିଶା କଂପାନୀ ପାଇକ ରେଜିମେଂଟ୍ ଥିଲା। ତେଣୁ ସାଂପ୍ରତିକ ସମୟରେ ପାଇକ ରେଜିମେଂଟର ବିଶେଷ ଆବଶ୍ୟକତା ରହିଛି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ରାୟସିଂହ କହିଥିଲେ ଯେ, ସାମ୍ରାଜ୍ୟବାଦ ବିରୋଧରେ ପାଇକ ବିଦ୍ରୋହ ଏକ ବଡ଼ ବିଦ୍ରୋହ ଭାବେ ଉଭା ହୋଇଥିଲା। ଏହି ଆଲୋଚନାଚକ୍ରରେ ସମୀକ୍ଷକ ଭାବେ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ଯୋଗଦେଇ କହିଥିଲେ ଯେ, ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି। ଏହି ସଂସ୍କୃତି ପାଇଁ ସାରା ଦେଶ ଗର୍ବିତ। କେନ୍ଦ୍ର ସରକାର ପାଇକ ବିଦ୍ରୋହର ଦୁଇ ଶତ ବର୍ଷ ପୂର୍ତି ଉତ୍ସବ ପାଳନ କରିବା ସହ ଅଷ୍ଟମ ଶ୍ରେଣୀର ଏନସିଆରଟି ବହିରେ ଏହାକୁ ସ୍ଥାନ ଦେଇଛନ୍ତି। ତେଣୁ ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ ଚାଲିଚି, ତାହା ଯେ କୌଣସି ପରିସ୍ଥିତିରେ ସଫଳ ହେବ। ଏଥିରେ କେହି ପ୍ରତିବନ୍ଧକ ସାଜିଲେ ଇତିହାସ କ୍ଷମା ଦେବନାହିଁ। ଅନ୍ୟମାନଙ୍କ ମଧ୍ୟରେ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସଏଦ୍ ଅବଦୁଲ କଲାମ ଆଜାଦ୍, ପ୍ରଭାକର ପାଲଟାସିଂହ, ଶ୍ରୀରଂଜନ ମଙ୍ଗରାଜ, ପ୍ରଦୀପ ବିଶ୍ୱାଳ, ପ୍ରଫୁଲ୍ଲ ସାମନ୍ତରାୟ, ବୈଦ୍ୟନାଥ ବରାଳ, ରଶ୍ମୀତା ନାୟକ, ନିରଂଜନ ସାମନ୍ତସିଂହାର, ଡ. ଦେବେନ୍ଦ୍ରନାଥ ମାନସିଂହ, ବିଭୁଦେନ୍ଦ୍ର କେଶରୀ ଭୋଳ, ଶକ୍ତିଧର ମହାପାତ୍ର, ଗତିକୃଷ୍ଣ ଉତରକବାଟ, ଗୋବିନ୍ଦ ଚନ୍ଦ୍ର ମହାରଣା, ନିରଂଜନ ପର୍ଶ୍ଚିମକବାଟ, ବିକ୍ରମ ଚମ୍ପତି, ରମେଶ ଚନ୍ଦ୍ର ପାତାଳସିଂହ, ମଦନମୋହନ ମହାପାତ୍ର, ସଂଗ୍ରାମ ଜଗଦେବ, ଚୈତନ୍ୟ ଜେନା ପ୍ରମୁଖ ବହୁବ୍ୟକ୍ତି ସଂକ୍ଷେପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା, ଡେଲାଙ୍ଗ, ବାଣପୁର, ବେଗୁନିଆ, ଜଟଣୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଂଚଳରୁ ଆସିଥିବା ପାଇକଗୁରୁ, ପାଇକ ବଂଶଧରମାନେ ଏଥିରେ ଯୋଗଦେଇଥିଲେ। ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ଛୋଟରାୟଙ୍କ ନେତୃତ୍ୱରେ କଳିଙ୍ଗ ପାଇକ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାର୍ବଣ ଯାତ୍ରା ନିମନ୍ତେ ବିରଜା ସେବାସମିତିର ସ୍ୱତନ୍ତ୍ର ବୈଠକ

ଯାଜପୁର (ପିଏନ୍): ମା' ବିରଜାଙ୍କ ଆସନ୍ତା ପାର୍ବଣ ଯାତ୍ରା ନିମନ୍ତେ ଗତକାଲି ଏକ ସ୍ୱତନ୍ତ୍ର ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ସାହୁ ଅସୁସ୍ଥ ହୋଇ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀ ମିଶ୍ର ମା'ଙ୍କର ମହାସପ୍ତମୀ, ମହାଷ୍ଟମୀ, ମହାନବମୀର ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସାମାନ୍ୟ ସୂଚନା ଦେବାପରେ ଉପସଭାପତି ଶ୍ରୀ ଦ୍ୱିବେଦୀ ଏହାଉପରେ ସଭ୍ୟମାନଙ୍କ ମଧରେ ଆଲୋଚନା କରିଥିଲେ। ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ବ୍ରହ୍ମାକୁଣ୍ଡ ନିକଟରେ ମ ପ୍ରସ୍ତୁତ କରି ମା'ଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ଓ ଏହାସହ ଭଜନ ପରିବେଷଣ ମଧ କରାଯିବାକୁ ସ୍ଥିର ହେଲା। ବକ୍ତାମାନଙ୍କୁ ନିମନ୍ତ୍ରଣ କରିବା ଦାୟିତ୍ୱ ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଙ୍କୁ ଦିଆଗଲା। ମଂଚରେ ଭଜନ ପରିବେଷଣ ପାଇଁ ଉମାକାନ୍ତ ପାଢ଼ୀ ଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁରୋଧ କରାଗଲା। ଟେଞ୍ଚ ହାଉସ୍ ମାଲିକ ଅଶୋକ କୁମାର ପାଣିଙ୍କୁ ମ ସଜା ଓ ମାଇକ୍ ସେଟ୍ ଦେବାକୁ କୁହାଗଲା। ମ ସଜା ପାଣ୍ଡବ ସାହୁ ଓ ଭରତ ଚନ୍ଦ୍ର ସାହୁଙ୍କ ଉପରେ ନ୍ୟସ୍ତ କରାଗଲା। ମହାଷ୍ଟମୀରେ ମା'ଙ୍କର କାନିକା ପ୍ରସାଦ ପ୍ରସ୍ତୁତ ଦାୟିତ୍ୱ ବିଜୟ କୁମାର ପଣ୍ଡା ଓ ହିମାଂଶୁଭୂଷଣ ନନ୍ଦ ନେଲେ। ପ୍ରସାଦ ବଣ୍ଟନ ସମୟରେ ଭରତ ଚନ୍ଦ୍ର ସାହୁ, ବୃନ୍ଦାବନ ମିଶ୍ର ଓ ମଧୁସୂଦନ ମହାନ୍ତିଙ୍କୁ ଦାୟିତ୍ୱ ଦିଆଗଲା। ମଂଚରେ କାଗଜପତ୍ର କାର୍ଯ୍ୟ କରିବାକୁ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କୁ ଦାୟିତ୍ୱ ଦିଆଗଲା। ଆସନ୍ତା ସେପ୍ଟେମ୍ବର ୨୬ ତାରିଖ ସୋମବାର ଦିନ ୪.୩୦ ସମୟେରେ ସେବା ସମିତିର ଚୂଡାନ୍ତ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମିତିର ସମସ୍ତ ସଭ୍ୟ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା। ଏହି ସମସ୍ତ କାର୍ଯ୍ୟ ତଦାରଖ କରିବା ନିମନ୍ତେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାନ୍ତି ଓ ଗଦାଧର ରାଉତଙ୍କୁ ଅନୁରୋଧ କରାଗଲା। ସମ୍ପାଦକ ପାଣ୍ଡବ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରି ମା'ଙ୍କୁ ଜଣାଗଲା। ଶେଷରେ ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday September 15, 2023 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୧୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କିସ୍‌ର ପ୍ରଭାବକୁ 'ଆସ୍‌କି'ର ପ୍ରଶଂସା



ଭୁବନେଶ୍ୱର, (ପି.ଏନ): ଶିକ୍ଷା ଜରିଆରେ ଦୀର୍ଘ ୩୦ ବର୍ଷ ହେଲା ଜନଜାତି ସଶକ୍ତିକରଣ କରିଆସୁଥିବା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ପ୍ରଭାବକୁ ହାଇଦ୍ରାବାଦସ୍ଥିତ ଆଡ୍‌ମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ (ଆସ୍‌କି) ଭୂୟସୀ ପ୍ରଶଂସା କରିଛି। ଆସ୍‌କି ହେଉଛି ଭାରତ ସରକାରଙ୍କ ସର୍ବ ପୁରାତନ ଗବେଷଣା ଓ ତାଲିମ୍ ଅନୁଷ୍ଠାନ। ଏହା ବିଶ୍ୱର ତୃତୀୟ ଅନୁଷ୍ଠାନ ହୋଇଥିବା ବେଳେ ଏସିଆର ଏକମାତ୍ର ଅନୁଷ୍ଠାନ। ବିଶ୍ୱର ସର୍ବବୃହତ ଜନଜାତି ଅନୁଷ୍ଠାନ କିସ୍ ସର୍ବଦା ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିଆସୁଛି। ଏ ଦିଗରେ କିସ୍‌ର ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବ କିପରି ରହିଛି ସେ ନେଇ ମୂଲ୍ୟାୟନ କରିବା ପାଇଁ ଆସ୍‌କିକୁ ଦାୟିତ୍ୱ ଦିଆଯାଇଥିଲା। ଆସ୍‌କି ପକ୍ଷରୁ ଦୀର୍ଘ ୧ ବର୍ଷ ଧରି କିସ୍ କାର୍ଯ୍ୟର ବିଭିନ୍ନ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଆଜି ହାଇଦ୍ରାବାଦସ୍ଥିତ ଆସ୍‌କି କାର୍ଯ୍ୟାଳୟ ପରିସରରେ ଆସ୍‌କି ପକ୍ଷରୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରାଯାଇଛି। ଏହି ରିପୋର୍ଟରେ କିସ୍ କାର୍ଯ୍ୟକଳାପ ଓ ସମସ୍ତ ପ୍ରକାର ପ୍ରଭାବ ନେଇ ଆସ୍‌କି ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି। କିସ୍‌ର କାର୍ଯ୍ୟକୁ ଉପଯୁକ୍ତ ମୂଲ୍ୟାୟନ କରାଯାଇଥିବାରୁ ଶ୍ରୀ ସାମନ୍ତ ଆସ୍‌କିକୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତ ହାଇଦ୍ରାବାଦର ଦୁଇଟି ସ୍ଥାନରେ ବକ୍ତୃତା ପ୍ରଦାନ କରିଥିଲେ।

## ବଳଗଣ୍ଡି ବିଦ୍ୟାଳୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପୁରୀ,(ପି.ଏନ):ଆଚଂଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଏହି ପରିପ୍ରେକ୍ଷୀରେ ବଳଗଣ୍ଡି ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ଛୋଟ ଛୋଟ ସଚେତନତା ବାର୍ତାମୂଳକ ଭିଡିଓମାନ ସ୍ମାର୍ଟକ୍ଲାସ ରୁମରେ ବିଦ୍ୟାର୍ଥୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଚଂଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ କାନୁନ ସମ୍ପର୍କରେ ବୁଝାଇବା ସହ ରାସ୍ତା ଘାଟରେ କିଭଳି ସୁରକ୍ଷିତଭାବେ ଯାତ୍ରା କରିବେ,ସେ ସମ୍ପର୍କରେ ବୁଝାଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ପର୍କିତ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆସୋସିଏସନ ଅଫ ଟ୍ରଇଟର ଆକ୍ଟିଭିଷ୍ଟର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ତଟରକ୍ଷୀ ବାହିନୀ ପକ୍ଷରୁ ମେରିଟାଇମ୍ ସର୍ଚ୍ଚ ଆଣ୍ଡ ରେସକ୍ୟୁ କର୍ମଶାଳା



ପାରାଦୀପ,(ପି.ଏନ):ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପକ୍ଷରୁ ମେରିଟାଇମ୍ ସର୍ଚ୍ଚ ଆଣ୍ଡ ରେସକ୍ୟୁ କର୍ମଶାଳା ଆୟୋଜିତ ହୋଇଯାଇଛି। ସେପ୍ଟେମ୍ବର ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ଏହି କର୍ମଶାଳା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳା ଦ୍ୱାରା ଉପକୂଳରେ ସାମୁଦ୍ରିକ ସର୍ଚ୍ଚ ଆଣ୍ଡ ଅପରେଶନ ମୁକାବିଲା ପାଇଁ ବିଭିନ୍ନ ଏଜେନ୍ସି ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିବ। କର୍ମଶାଳାକୁ ତଟରକ୍ଷୀ ବାହିନୀର ଡିଆଇଜି ଓାଇ.କେ. ସିଂ ଉଦଘାଟନ କରିଥିଲେ। ସମୁଦ୍ରକୁ ସୁରକ୍ଷିତ ରଖିବାରେ ଏଜେନ୍ସି ଗୁଡିକ ମଧ୍ୟରେ ବୁଝାମଣାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଏକ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା। କର୍ମଶାଳାରେ ପାରାଦୀପ ବନ୍ଦର, କଷ୍ଟମ ବିଭାଗ, ସାମୁଦ୍ରିକ ପୋଲିସ୍,ସିଆଇଏସଏଫ,ମତ୍ସ୍ୟ ବିଭାଗ ଅଂଶଗ୍ରଣ କରିଥିଲେ। ଉପକୂଳ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି ତଟରକ୍ଷୀ ବାହିନୀ। ସାମୁଦ୍ରିକ ବିପର୍ଯ୍ୟୟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ପାଖରେ ପହଂଚି ସହୟତା ପ୍ରଦାନ କରି ଆସିଛି।

## ପ୍ରାଥମିକ ଶିକ୍ଷକଙ୍କ ଦାବି ପ୍ରତି କଂଗ୍ରେସର ସମର୍ଥନ

ଭୁବନେଶ୍ୱର,(ପି.ଏନ): ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟର ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ସହାନୁଭୁତିର ସହ ସେଗୁଡ଼ିକ ବିଚାର କରି ତୁରନ୍ତ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ଏକ ପ୍ରେସ ବିବୃତି ଜାରିକରି ଜଣାଇଛନ୍ତି ଯେ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ତଥା ଶିକ୍ଷକମାନଙ୍କ ପ୍ରତି ଉଦାସୀନ ମନୋଭାବ ହେତୁ ଆଜି ୫୦ ହଜାର ସ୍କୁଲରେ ତାଲା ପଡ଼ିଛି। ସମୁଦାୟ ୧.୩୦ ଲକ୍ଷ ଶିକ୍ଷକ ଶିକ୍ଷୟତ୍ରୀ ରାସ୍ତାକୁ ଓହ୍ଲାଇଛନ୍ତି ଓ ୪୦ଲକ୍ଷ ଛାତ୍ରଛାତ୍ରୀ ସ୍କୁଲ ଶିକ୍ଷାରୁ ବଂଚିତ ହୋଇଛନ୍ତି। ଏହା ଯେତିକି ଦୁଃଖ ଦାୟକ ସେତିକି ଚିନ୍ତାଜନକ। ଶିକ୍ଷକ ବନ୍ଧୁମାନଙ୍କର ଦାବି ଯଥା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ଗଣ ଶିକ୍ଷକଙ୍କୁ ଲାଗୁ ହୋଇଥିବା ଏକ୍ସ କାଡର ବ୍ୟବସ୍ଥା ହଟାଇବା, ନୂଆ ପେନସନ ପରିବର୍ତେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁକରିବା ସଂପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି ଶ୍ରୀ ବେହେରା କହିଛନ୍ତି। ପୁନଶ୍ଚ ସ୍ୱୟଂ ମୁଖ୍ୟମନ୍ତ୍ରୀ ଅକ୍ଟୋବର ୨୦୨୨ ଓ ଏପ୍ରିଲ ୨୦୨୩ ରେ ଠିକା ନିଯୁକ୍ତି ଶିକ୍ଷକ ନିଯୁକ୍ତି ଉଚ୍ଛେଦ ହେବାର ଘୋଷଣା କରି ଏବେ ୨୦ ହଜାର ଠିକା ଶିକ୍ଷକ ନିଯୁକ୍ତି ଦେବାର ବିଜ୍ଞାପନ ଜାରି କରିବା ଦୁର୍ଭାଗ୍ୟଜନକ। କଂଗ୍ରେସ ଏହି ଅବାଂଚିତ ଠିକା ଶିକ୍ଷକ ନିଯୁକ୍ତିର ଅବସାନ ଘଟାଇବା ପାଇଁ ଦାବି କରୁଛି। ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟଳୟ ମଇ ୨୦୨୧ ରେ ଦେଇଥିବା ଟିପ୍ପଣୀ ଅନୁସାରେ ଶିକ୍ଷକମାନଙ୍କର ବର୍ଗୀକରଣର ପୂର୍ଣ୍ଣଚ୍ଛେଦ ମଧ୍ୟ ଜରୁରୀ। ଶୀଘ୍ର ସ୍କୁଲ ଖୋଲି ପିଲାମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦେବା ସରକାରଙ୍କ ପ୍ରଧାନ କର୍ତବ୍ୟ। ସୁତରାଂ ଦାବିଗୁଡ଼ିକର ଯଥାର୍ଥତା ଉପଲବ୍ଧ କରି ପୂରଣ ନିମିତ ଅବିଳମ୍ବେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ବେହେରା ଦାବି ଜଣାଇଛନ୍ତି।

# ୪୦ବର୍ଷ ହେଲା ଗାଁକୁ ନାହିଁ ରାସ୍ତା : ଶୁଣିଲାନି ବ୍ଲକ୍ କି ଜିଲ୍ଲା ପ୍ରଶାସନ




କୋଣାର୍କ/ଗୋପ,(ପି.ଏନ): ଦୀର୍ଘ ୪୦ ବର୍ଷ ହେଲା ୧୫ ପରିବାରକୁ ରାସ୍ତା ନ ମିଳିବାକୁ ଆସନ୍ତା ୧୫ ତାରିଖରେ କୋଣାର୍କ ଭୂବନେଶ୍ୱର ରାସ୍ତାରୋକ ପାଇଁ ସାମ୍ବାଦିକ ସମ୍ମିଳନୀ। ସୂଚ୍ନା ଥାଉକି ଆଜକୁ ୪୦ ବର୍ଷ ହେବ ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବନାଖଣ୍ଡି ପଞ୍ଚାୟତ ଯନ୍ତନା ଗାଁ ବାଲିସାହିକୁ ରାସ୍ତା ନଥିବା ଯୋଗୁଁ ଯନ୍ତନା ଗାଁ ବାଲିସାହିର ପୁରୁଷ ମହିଳାମାନେ ଗୋପ ବିଡ଼ିଓ, ତହସିଲଦାର ଉପଜିଲ୍ଲାପାଳ, ଜିଲ୍ଲାପାଳ, ଆରକ୍ଷୀ ଅଧିକାରୀ ପୁରୀ ଙ୍କ ପାଖକୁ ଡୈଡିଡି ନିରାଶ ହୋଇ ଗତ ୩ ଅଗଷ୍ଟ ରେ ଗୋପ ବିଡ଼ିଓ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଗୋପ ବିଡ଼ିଓ ଦିପ୍ତୀରାଣି ଦାସ ୫ ତାରିଖରେ ରାସ୍ତା ଯୋଗାଇ ଦେଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୫ତାରିଖରେ ଗୋପ ବକ୍ଲ ଅଫିସ ଭିତରେ ଗୋପ ତହସିଲଦାର ଭଗ୍ୟଶ୍ରୀ ହାଁସଦା, ବିଡ଼ିଓ ଦିପ୍ତିରାଣୀ ଦାସ, କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ ଓ ଜିଲ୍ଲାପରିଷଦ ପୁଷ୍ପା ରାଣୀ ସ୍ୱାଇଁ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୈଣସି ସମାଧାନ ହୋଇପାରିଲା ନାହିଁ। ପରେ ଯନ୍ତନା ଗାଁ ଭିତରେ ଗତ ୭ ତାରିଖରେ ଏକ ପୂର୍ଣ୍ଣବାର ବୈଠକ ହେବା ସମୟରେ ପୋଲିସ ପ୍ରଶାସନ ସମ୍ମୁଖରେ ଯନ୍ତନା ଗାଁର ଲୋକେ ବାଲିସାହିର ଜଣଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ କୈଣସି ମତେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇ ପାରିଲା ନାହିଁ ଫଳରେ ଆସନ୍ତା ୧୫ ତାରିଖରେ ରାଜରାସ୍ତାକୁ ଓଲାଇବା ପାଇଁ ବନାଖଣ୍ଡି ସରପଞ୍ଚ ନିସ୍ପତି ନେଇ ଜିଲ୍ଲାପାଳ, ଗୋପ ବିଡ଼ିଓ ,ତହସିଲଦାର ଓ କୋଣାର୍କ ଥାନାକୁ ଲିଖିତ ଅଭିଯୋଗ କରି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚ୍ନା ଦେଇଛନ୍ତି। ଆସନ୍ତା ଶୁକ୍ରବାର ୧୫ ତାରିଖରେ ବନାଖଣ୍ଡି ଛକ ନିକଟରେ ଥିବା ପଂଚାୟତ କାର୍ଯ୍ୟାଳୟ ପାଖ କୋଣାର୍କ ଭୂବନେଶ୍ୱର ରାଜରାସ୍ତା ହେବ ବନ୍ଦ। ଯାହା କ୍ଷତିହେବ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ।

# ଡକାୟତି ଯୋଜନା ବେଳେ ମାଡି ବସିଲା ପୁଲିସ



ପୁରୀ,(ପି.ଏନ):ସମୁଦ୍ରକୂଳ ଥାନା ଅଧୀନ ପେଣ୍ଠକଟା ବେହେରା ସାହି ବୋଟ ଫ୍ୟାକ୍ଟରୀ ପଛ ପଟେ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ୬ଜଣ ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବାର ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅଚଂଳର ମାନସ ବେହେରା(୨୫) ଓରଫ ଗୁଲୁ,ସୁରେଶ(୨୩) ଓରଫ ସୁରୀ,ନବିନା ସାହୁ(୨୧),କାହ୍ନୁ ଚରଣ ନାୟକ(୩୬) ଓରଫ ମିକି,ଶ୍ରୀନୁ(୨୧) ଏବଂ ଆର୍ଶିବାଦ ଚମ୍ପତିରାୟ(୨୪) ବୋଲି ସୂଚନା ମିଳିଛି। ପୁଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଖଣ୍ଡା,ଛୁରୀ,ହାମର,ସ୍କ୍ରୁ ଡ୍ରାଇଭର ଏବଂ ଲଙ୍କା ଗୁଣ୍ଡା ଜବତ କରିଛି। ସୂଚନା ମୁତାବକ,ସମୁଦ୍ରକୂଳ ଥାନା ଏସଆଇ ବିଦ୍ୟାଧର ଭୋଳ ଥାନା ଅଚଂଳରେ ପାଟ୍ରୋଲିଂ କରୁଥିବା ବେଳେ,ବିଶ୍ୱସ୍ତ ସୁତ୍ରରୁ ଖବର ମିଳିଲା ଯେ ପେଣ୍ଠକଟା ବେହେରା ସାହି ବୋଟ ଫ୍ୟାକ୍ଟରୀ ପଛପଟେ କିଛି ଅସାମାଜିକ ଯୁବକ ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ରରେ ସଜିତ ହୋଇ ଡକାୟତି ପାଇଁ ଯୋଜନା କରୁଛନ୍ତି। ସୂଚନା ଆଧାରରେ ପାଟ୍ରୋଲିଂ ପୁଲିସ ତୁରନ୍ତ ଉକ୍ତ ଅଚଂଳରେ ଚଢାଉ କରି ଅଭିଯୁକ୍ତ ୬ଜରଙ୍କୁ ମାଡି ବସିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତମାନଙ୍କୁ ତନଖି ବେଳେ ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା,ଛୁରୀ,ହାମର,ସ୍କ୍ରୁ ଡ୍ରାଇଭର ଏବଂ ଲଙ୍କା ପାଉଡର ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ଥାନୀୟ ଅଚଂଳରେ ଡକାୟତି ପାଇଁ ଯୋଜନା କରୁଥିବାର ସ୍ୱୀକାର କରିଥିଲେ। ଏ ନେଇ ଏସଆଇ ବିଦ୍ୟାଧର ଭୋଳଙ୍କ ଅଭିଯୋଗକ୍ରମେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ କେଶ ନଂ ୨୩୪/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଜରଡା ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅମୃତ କଳସରେ ଘରୁ ଘରୁ ମାଟି ସଂଗ୍ରହ



ତାଳଚେର/କଣିହାଁ:(ପି.ଏନ): ମୋ ମାଟି ମୋ ଦେଶ କାର୍ଯ୍ୟ କ୍ରମରେ ଅମୃତ୍ କଳସ ଯାତ୍ରାରେ ଘର ଘର ବୁଲି ମାଟି ସଂଗ୍ରହ ଅଭିଯାନ ସମଗ୍ର ତାଳଚେର ନିର୍ବାଚ୍ନ ମଣ୍ଡଳୀ ରେ ଅନୁଷ୍ଠିତ ହେଉଛି। ସ୍ୱାଧୀନତା ସଂଗ୍ରାମୀ ଓ ସହିଦ ମାନଙ୍କୁ ଉଚ୍ଚିତ୍ ସମ୍ମାନ ଦେବା ପାଇଁ ଓ ଭାରତ କୁ ବିଶ୍ୱଗୁରୁ କରିବା ପାଇଁ ଯସସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗ୍ରହ କ୍ରମେ ଏବଂ ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରୟାସ ରେ ଏହି ଅଭିଯାନ ସମଗ୍ର ଦେଶରେ ଆରମ୍ଭ ହୋଇଛି, ସହିଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ବାସସ୍ଥାନ ଓ ଗ୍ରାମରୁ ଆମୃତ କଳସରେ ପବିତ୍ର ମାଟି ସଂଗ୍ରହ କରାଯିବା ସହ କଳସକୁ ଦିଲ୍ଲୀ ପଠାଯାଇ ସେଠାରେ ଅମୃତ ବାଟିକା ସ୍ଥାପନା କରାଯିବ।ତାଳଚେର ନିର୍ବାଚ୍ନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ ଜରଡା ପଞ୍ଚାୟତ ଜରଡ଼ା ଗୁଣ୍ଡୁରିନାଳୀ, ଗୋଇଲାଣ୍ଡ ମାଳପଶି ଜମାନିଆ , ଆଦିତ୍ୟ ପ୍ରସାଦ ଗ୍ରାମରେ ସ୍ୱାଧିନତା ସଂଗ୍ରାମୀ ଙ୍କ ଘରୁ ମାଟି ସଂଗ୍ରହ କରିବା ସହିତ ପ୍ରତ୍ୟେକ ଘରୁ ମାଟି ସଂଗ୍ରହ କରାଯାଇଥିଲା, ଏହି କାର୍ଯ୍ୟ କ୍ରମରେ ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟ ମାନଙ୍କୁ ବିଜେପି ନେତା ତଥା ତାଳଚେର ବାସୀଙ୍କ ବିଶ୍ୱସ୍ତ ସେବକ କାଳନ୍ଦୀ ସାମଲ ସମ୍ମାନିତ କରିଥିଲେ ।କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ଓ ମଣ୍ଡଳ ପ୍ରଭାରୀ ପର୍ଶୁରାମ ବାରିକ ଏହି କାର୍ଯ୍ୟ କ୍ରମକୁ ଆରମ୍ଭ କରିଥିଲେ, ବିଏମଏସ ନେତା ଅଭୟ ସାହୁ ଆମୃତ କଳସକୁ ଧରି ଗ୍ରାମରେ ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ।ସ୍ୱାଧିନତା ସଂଗ୍ରାମୀ ଯୁଗି ବେହେରା , ଘାଷିନାଥ ପ୍ରଧାନ ,ମହେଶ୍ୱର ପ୍ରଧାନ ,ନୁହୁରୁ ପ୍ରଧାନ,ଚ୍ନ୍ଦ୍ର ମଣି ସାହୁ ,ଓ ଘୁରୁଡୁ ସାମଲ ସମେତ ଗ୍ରାମର ଅନେକ ସ୍ୱାଧୀନତା ସଂଗ୍ରାମୀ ଘରୁ ମାଟି ଅଣାଯିବା ସହ ସ୍ୱାଧିନତା ସଂଗ୍ରାମୀ ପାରିବାର ସଦସ୍ୟ ଙ୍କୁ ସମ୍ମାନିତ କରାଯାଇଥିଲା। ସଂଗ୍ରାମୀ ଗ୍ରାମରୁ ଘର ଘର ବୁଲି ମାଟି ସଂଗ୍ରହ କରା ଯାଇଥିଲା ବେଳେ ଗ୍ରାମରେ ସଙ୍କୀର୍ତନ ମଣ୍ଡଳୀ ମହିଳା ସଙ୍ଘ, ଯୁବକ ସଙ୍ଘ ବିଭିନ୍ନ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ, ଗ୍ରାମରେ ଭାରତ ମାତା କି ନାରାରେ ଜୟ ଜୟ କାର ଶୁଭୁଥିଲା ଏହି କାର୍ଯ୍ୟକ୍ରମରେ କଣିହାଁ ମଣ୍ଡଳର ବରିଷ୍ଠ ନେତା ଲୋକ ନାଥ ସାହୁ, ତାଳଚେର ବିଧାନ ସଭାର ମିଡିଆ ସେଲ ଅଧ୍ୟକ୍ଷ ତଥା ଜିଲ୍ଲା କୃଷକ ମୋର୍ଚ୍ଚା ଉପ ସଭାପତି ସୁଶାନ୍ତ କୁମାର ସାମଲ,ମଣ୍ଡଳ ସାଧାରଣ ସଂପାଦକ କର୍ଣ୍ଣ ଭୁତିଆ , ଶ୍ରମିକ ନେତା ରମେଶ ସାମଲ, ତୁଷାର ବେହେରା, ସତ୍ୟାନନ୍ଦ ସାମଲ ଚିନ୍ମୟ ପ୍ରଧାନ , ଦୟାନିଧି ସାମଲ , ପଦି ମହାପାତ୍ର , ଶଙ୍କର ଗୋଛାୟତ,ସୁମନ୍ତ ବେହେରା , ସୁଶିଲ ସାହୁ ଙ୍କ ସମେତ ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray